# ଖାଦ୍ୟସୁରକ୍ଷା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ

ବାରିପଦା, ୨୦।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ବାରିପଦାର ମୁର୍ଗାବାଡି ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ



କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଯୋଗାଣ ଅଧିକାରୀ ଅନାଦି ଚରଣ ସେଠୀ, ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ୱାର୍ଡ କାଉନସିଲର ସୁଧୀର ବାରିକ ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୟୂରଭଞ୍ଜ ଜିଲ୍ଲାରେ ଉକ୍ତ ଯୋଜନାର ଖାଦ୍ୟସୁରକ୍ଷା ହିତାଧିକାରୀ ପରିବାରଙ୍କୁ ୧ହଜାର ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ପ୍ରଦାନ ଆରମ୍ଭ ହୋଇଛି। ଏହି ସହାୟତା ରାଶି ଅତି ଆବଶ୍ୟକ ସାମଗ୍ରୀ କିଣିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଅନୁର୍ଗତ ୬ ଲକ୍ଷ ୯ହଜାର ୪ଶହ ୯୬ଗୋଟି ପରିବାରଙ୍କୁ ମୋଟାମୋଟି ୬୦ କୋଟି ୯୪ଲକ୍ଷ ୯୬ହଜାର ନଗଦ ଟଙ୍କା ଆସନ୍ତା ସପ୍ତାହକ ମଧ୍ୟରେ ପ୍ରଦାନ କରାଯିବ। ଉକ୍ତ ରାଶିକୁ ୫୨୪ଟି ସୁଲଭ ମୂଲ୍ୟ କେନ୍ଦ୍ର ଜରିଆରେ ଇ-ପୋଷ ମେସିନ ଜରିଆରେ ଜିଲ୍ଲାପାଳଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ସିଡିଓଙ୍କ ଦ୍ୱାରା ବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହାଦ୍ୱାରା ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ପାଇଁ ପ୍ରକ୍ରିୟା କରାଯାଇଛି। ରିଟେଲର, ଯୋଗାଣ ସହାୟକ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଚାଉଳ ବଣ୍ଟନ ସମୟରେ ଯେମିତି ଆଖି ଚିହ୍ନ ବା ଆଙ୍ଗୁଳି ଟିପ ମେସିନରେ ନେବା ପରେ ଚାଉଳ ବଣ୍ଟନ କରନ୍ତି। ଠିକ୍ ସେହିପରି ଭାବରେ ଉକ୍ତ ଅର୍ଥ ରାଶି ପ୍ରଦାନ କରାଯିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ଶଯ୍ୟାଶାୟୀ ହିତାଧିକାରୀ ମାନେ କେନ୍ଦ୍ରକୁ ଆସିପାରିବେ ନାହିଁ ସେମାନଙ୍କୁ ଘରେ ଯାଇ ଉକ୍ତ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯେଉଁ ମାନଙ୍କ ଆଖି କିମ୍ବା ଆଙ୍ଗୁଳି ଦ୍ୱାରା ହୋଇପାରିବ ନାହିଁ ବୋଲି ସେମାନଙ୍କ ପାଇଁ ବାଇପାସର ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ଯୋଗାଣ ନୀରିକ୍ଷକମାନଙ୍କୁ ଏଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଉକ୍ତ ମହତାକାଂକ୍ଷୀ ଯୋଜନାର ସଫଳ ରୁପାୟନ ପାଇଁ ସମସ୍ତଙ୍କ ମଧ୍ୟ ସହଯୋଗ କାମନା କରାଯାଇ ଅର୍ଥରାଶି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୌରପାଳିକା ଯୋଗାଣ ନିରୀକ୍ଷକ ପ୍ରଦୀପ୍ତ ବେହେରା ପରିଚାଳନା କରିଥିବାବେଳେ ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ, ୱାର୍ଡ କାଉନସିଲର ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀ ନୀତେଶଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୨୦।୨(ସମିସ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିବା ୭୦ତମ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ



ମୟୂରଭଞ୍ଜ ଜିମ୍ନାସିୟମର ସଦସ୍ୟ ନୀତେଶ ବାରିକ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଆସନ୍ତା ମାର୍ଚ୍ଚ ମାସ ୧୬ ଏବଂ ୧୭ ତାରିଖ ପଞ୍ଜାବର ଲୁଧିଆନାଠାରେ ଅନୁଷ୍ଠିତ ହେବାକୁ ଥିବା ୧୫ତମ ସିନିଅର ଜାତୀୟସ୍ତର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଓଡ଼ିଶା ରାଜ୍ୟ ବଡି ବିଲ୍ଡିଙ୍ଗ ଆସୋସିଏସନ ତରଫରୁ ମନୋନୀତ ହୋଇଛନ୍ତି। ନୀତେଶଙ୍କ ଏହି ସଫଳତାକୁ ନେଇ କ୍ରୀଡ଼ା ପ୍ରେମୀ ମାନଙ୍କ ମଧ୍ୟରେ ଖୁସିର ବାତାବରଣ ଦେଖାଦେଇଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ମୟୂରଭଞ୍ଜ ଜିମ୍ନାସିୟମ ପରିସରରେ ଜିଲ୍ଲା ବଡିବିଲ୍ଡିଙ୍ଗ ଆସୋସିଏସନର ସଭାପତି ନବ କୁମାର ସାହୁ, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁମିତ କୁମାର ସାହୁ, ସହ ସମ୍ପାଦକ ରାଜେନ୍ଦ୍ର କୁମାର ପରିଡ଼ା, ଦେବୀ ସିଂ, ପ୍ରଭାତୀ ସିଂ, ମାମୁନି ପଲେଇ, ପ୍ରବୀର ପୃଷ୍ଟି, ତରୁଣ ଦେ, ଅମିତ ଆଢ଼ିଅ ଓ ସତ୍ୟବ୍ରତ ବେହେରା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ନୀତେଶଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି।

## ୨୨ରେ ବାରିପଦା ଆସୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ



ବାରିପଦା, ୨୦।୨(ସମିସ): କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୨୨ ତାରିଖରେ ବାରିପଦା ଗସ୍ତରେ ଦଳୀୟ କାର୍ଯ୍ୟକ୍ରମରେ ଆସୁଛନ୍ତି। ଏନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗୁରୁବାର ଘରୋଇ ବିମାନ ଯୋଗେ ଜିଲ୍ଲାର ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦା ଏୟାରଷ୍ଟ୍ରିପରେ ଅବତରଣ କରିବେ। ସେଠାରୁ ସଡ଼କ ପଥରେ ବାହାରି ଚିତ୍ରଡ଼ା ହେଇ ବାରିପଦାରେ ପହଞ୍ଚିବା ପରେ ବାରିପଦାର ଛଉପଡ଼ିଆ ଠାରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ତର ଓଡ଼ିଶାର ୪ଗୋଟି ଜିଲ୍ଲାର ଦଳୀୟ କର୍ମକର୍ତ୍ତାଙ୍କୁ ନେଇ କୋର୍ କମିଟି ବୈଠକରେ ଉଦବୋଧନ ଦେଇ ପୁନର୍ବାର ଅମର୍ଦ୍ଦା ଏୟାରଷ୍ଟ୍ରିପକୁ ସଡକ ପଥ ଦେଇ ପ୍ରତ୍ୟାବର୍ତ୍ତନ କରିବେ। ସେଠାରୁ ଘରୋଇ ବିମାନ ଯୋଗେ ଅପରାହ୍ନରେ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ। ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

## ସ୍କୁଟି ଉପରେ ଚଢ଼ିଗଲା ଟ୍ରକ୍, ବର୍ତ୍ତିଗଲେ ଦମ୍ପତି

ବାରିପଦା, ୨୦।୨(ସମିସ): ବାରିପଦା ଟାଉନ ଥାନା ଅଧୀନ କୃଷ୍ଣଚନ୍ଦ୍ର ଗୋଲେଇ ଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ସ୍କୁଟି ଉପରେ ଟ୍ରକ୍ ମାଡ଼ିଯିବାରୁ ସ୍ୱାମୀ ବର୍ତ୍ତିଯାଇଥିବାବେଳେ ପତ୍ନୀ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। କୁଳିଅଣା ଥାନା



ଅଞ୍ଚଳର ମିଶିସ୍ୱପ୍ନା ସାହୁ(୨୮) ତାଙ୍କ ସ୍ୱାମୀ ଶିବାଶିଷ ଗିରିଙ୍କ ସହିତ ମଙ୍ଗଳବାର ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ଜୈନକ ବନ୍ଧୁଙ୍କୁ ଦେଖା କରିବାକୁ ଆସିଥିଲେ। ତେବେ ସକାଳ ପ୍ରାୟ ୧୦ସମୟରେ ହସ୍ପିଟାଲ ଯିବା ବାଟରେ କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ ଥିବା ହନୁମାନ ମନ୍ଦିରରେ ପୂଜା କରିବାକୁ ଯାଇଥିଲେ। ପୂଜା ସାରି ଫେରୁଥିବା ସମୟରେ ଏକ ଟ୍ରକ ଭାରସାମ୍ୟ ହରାଇ ସ୍କୁଟି ଉପରକୁ ମାଡି ଯାଇଥିଲା। ଉଦଳା ପଟରୁ ଏକ ଟ୍ରକ ଆସି ସ୍କୁଟି ଉପରକୁ ମାଡି ଯାଇଥିଲା। ସ୍କୁଟିକୁ ଧକ୍କା ଦେଇ କୃଷ୍ଣଚନ୍ଦ୍ର ଗୋଲାଇର କାଣ୍ଟ ବାଡ଼କୁ ଚଢ଼ି ଭାଙ୍ଗି ଦେଇଥିଲା। ଏହି ଘଟଣାରେ ମହିଳାଙ୍କ ସ୍ୱାମୀ ବର୍ତ୍ତି ଯାଇଥିବାବେଳେ ମିଶିସ୍ୱପ୍ନାଙ୍କ ଗୋଡ଼ରେ ମାଡ଼ ଯୋଗୁଁ ଗୁରୁତର ହୋଇ ବାରିପଦାର ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେପଟେ ବାରିପଦା ଟାଉନ୍ ଥାନା ପୁଲିସ ଟ୍ରକ ଡ୍ରାଇଭରଙ୍କୁ ଅଟକ ରଖିଥିବାବେଳେ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ବନାଗ୍ନିରୁ ରକ୍ଷାପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବ୍ୟାପକ ପ୍ରସ୍ତୁତି

ବାରିପଦା, ୨୦।୨(ସମିସ): ଶିମିଳିପାଳ ଅଭୟାରଣ୍ୟକୁ ବନାଗ୍ନି ଦାଉରୁ କିପରି ସୁରକ୍ଷା ପ୍ରଦାନ ହେବ ସେନେଇ ବନ ବିଭାଗର ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଅଧୀନସ୍ଥ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ପ୍ରଦାନ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହିତ ସ୍ଥାନୀୟ ଲୋକମାନଙ୍କୁ ଜରିଆରେ ସଚେତନ ସୃଷ୍ଟି କରିବା ମୁଖ୍ୟ ବିଷୟ ରହିଛି। ପୂର୍ବର ତଥ୍ୟକୁ ଦେଖିଲେ ଜାନୁଆରୀ ମାସର ଶେଷ କିମ୍ବା ଫେବୃଆରୀ ମାସର ଆରମ୍ଭ ବେଳକୁ ବନାଗ୍ନି ଘଟଣା ସମ୍ମୁଖକୁ ଆସିଥାଏ। ସାଧାରଣତଃ ଶିକାର ଉଦ୍ଦେଶ୍ୟରେ କିମ୍ବା ମହୁଲ ଫୁଲ ସଂଗ୍ରହ ପାଇଁ ଲୋକମାନେ ଅଗ୍ନି ସଂଯୋଗ ଦ୍ୱାରା ବନାଗ୍ନି ସ୍ଥିତି ଦେଖିବାକୁ ମିଳିଥାଏ। ରିପୋର୍ଟ ଅନୁଯାୟୀ, ୨୦୨୦ରେ ଶିମିଳିପାଳ ଅଭୟାରଣ୍ୟରେ ୮୨୪ଟି ଫାୟାର ପଏଣ୍ଟ ଦେଖିବାକୁ ମିଳିଥିବାବେଳେ ୨୦୨୧ରେ ବୃଦ୍ଧିପାଇ ୪୪୩୯ଗୋଟି ଫାୟାର ପଏଣ୍ଟ ଏବଂ ୨୦୨୨ରେ ୪୮୯ଟି ଫାୟାର ପଏଣ୍ଟ ଏବଂ ୨୦୨୩ରେ ମଧ୍ୟ ଅନେକ ଫାୟାର ପଏଣ୍ଟ ଦେଖିବାକୁ ମିଳିଥିଲା। ତେବେ ଚଳିତ ସିଜନ ଆରମ୍ଭ ପୂର୍ବରୁ ବନାଗ୍ନି ଘଟଣାକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହାୟତାରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଫାୟାର ପଏଣ୍ଟ ଗୁଡିକୁ ନେଇ ଏକ ମ୍ୟାପ ପ୍ରସ୍ତୁତ ହୋଇଛି। ଯାହାକୁ ପ୍ରତି ବନାଞ୍ଚଳ ଅନୁଯାୟୀ କର୍ମଚାରୀଙ୍କୁ ଫାୟାର ପଏଣ୍ଟ ବାବଦରେ ଜଣାଇବା ସହ ଉକ୍ତ ସ୍ଥାନ ପ୍ରତି ସଜାଗ ରହିବାକୁ କୁହାଯାଇଛି। ଜଙ୍ଗଲ ଅଞ୍ଚଳର ଅଧିବାସୀ ମହୁଲ ସଂଗ୍ରହ ପାଇଁ ଶୁଖିଲା ସ୍ଥାନ ପରିଷ୍କାର ପାଇଁ ଅଗ୍ନି ସଂଯୋଗ କରିଥିବା ବେଳେ ତାହା ଜଙ୍ଗଲକୁ ବ୍ୟାପିଥାଏ। ତେଣୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହ ଫାୟାର ଲାଇନ କରିବା ନେଇ ସ୍ଥିରୀକୃତ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ୫ଗୋଟି ବନଖଣ୍ଡରେ ବନାଗ୍ନି ନିୟନ୍ତ୍ରଣ ପାଇଁ ୫୦୫ଜଣ ଫାୟାର କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେଥିମଧ୍ୟରେ ପ୍ରତି ଦିନ ମଜୁରୀ ଅନୁଯାୟୀ ଠିକା କର୍ମଚାରୀ ମଧ୍ୟ ନିୟୋଜିତ କରାଯାଇଛି। ସେହିପରି ବାଲେଶ୍ୱର ବନଖଣ୍ଡ ପାଇଁ ୫୦ଜଣ ଏବଂ କେନ୍ଦୁଝର ବନଖଣ୍ଡ ପାଇଁ ୧୭୦ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ବନାଗ୍ନି ନିୟନ୍ତ୍ରଣ ପାଇଁ ମୟୁରଭଞ୍ଜ ଜିଲ୍ଲାରେ ସମୁଦାୟ ୫ହଜାର କିଲୋମିଟର ଫାୟାର ଲାଇନ ସୃଷ୍ଟି କରାଯିବ। ସେଥି ମଧ୍ୟରେ ବାରିପଦା ବନଖଣ୍ଡରେ ୧ହଜାର କିଲୋମିଟର, ରାଇରଙ୍ଗପୁର ବନଖଣ୍ଡରେ ୬୦୦ କିଲୋମିଟର, କରଞ୍ଜିଆ ବନଖଣ୍ଡରେ ୧୧୦୦କିଲୋମିଟର, ବାଲେଶ୍ୱର ବନଖଣ୍ଡରେ ୫୦୦ କିଲୋମିଟର ଏବଂ କେନ୍ଦୁଝର ବନଖଣ୍ଡରେ ୯୦୦କିଲୋମିଟର ସହିତ ଅନ୍ୟାନ୍ୟ ସ୍ଥାନର ଫାୟାର ଲାଇନ ରହିଛି। ବନାଗ୍ନି ସ୍ଥିତି ଅନୁଧ୍ୟାନ ପାଇଁ ମୟୁରଭଞ୍ଜ ଜିଲ୍ଲା ପାଇଁ ସମୁଦାୟ ୪୦ଗୋଟି ପାଟ୍ରୋଲିଂ ଭ୍ୟାନ, ବାଲେଶ୍?ର ପାଇଁ ୫ଗୋଟି, କେନ୍ଦୁଝର ପାଇଁ ୧୨ଟି ଭ୍ୟାନ ପ୍ରଦାନ କରାଯାଇଛି। ମୟୁରଭଞ୍ଜ ଜିଲ୍ଲାରେ ବନାଗ୍ନି ନିୟନ୍ତ୍ରଣ ପାଇଁ ଫାୟାର ଲାଇନ ସୃଷ୍ଟି କରିବା ନିମନ୍ତେ ମୋଟ ୭୩୩ଟି ଏୟାର ବ୍ଲୟର ମେସିନ ପ୍ରଦାନ କରାଯାଇଛି। ସେଥି ମଧ୍ୟରେ ବାରିପଦା ବନଖଣ୍ଡ ପାଇଁ ୧୦୬, ରାଇରଙ୍ଗପୁର ପାଇଁ ୧୧୨, କରଞ୍ଜିଆ ପାଇଁ ୧୦୬, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଡିଭିଜନ ୧୯୨, ଦକ୍ଷିଣ ଡିଭିଜନ ୨୧୭, ବାଲେଶ୍ୱର ପାଇଁ ୪୫, କେନ୍ଦୁଝର ପାଇଁ ୭୩ ଗୋଟି ଫାୟାର ବ୍ଲୟର ରହିଛି। ପ୍ରତି ସପ୍ତାହରେ ଉକ୍ତ ଫାୟାର ଲାଇନ ଗୁଡିକର ରକ୍ଷଣାବେକ୍ଷଣ କରାଯିବ। ଏଥି ସହିତ ଅଗ୍ନି ନିର୍ବାପକ ଯନ୍ତ୍ର, ନୂତନ କର୍ମଚାରୀ ନିଯୁକ୍ତ, ସତନ୍ତ୍ର ଜୋତା ଓ ପୋଷାକ ପ୍ରଦାନ କରିବା ଏବଂ ବନାଗ୍ନି ରୋକିବା ନେଇ ପ୍ରତି ରେଞ୍ଜରେ ମକଡ୍ରିଲ କରାଯାଉଛି। ପ୍ରତିଦିନ ଠିକାରେ ନିଯୁକ୍ତ କର୍ମଚାରୀଙ୍କୁ ଜୋତା, ଟର୍ଚ୍ଚ, ଡ୍ରେସ, ମେଡ଼ିକାଲ କିଟ ମଧ୍ୟ ପ୍ରଦାନ କରାଯିବ। ବନାଗ୍ନି ନିୟନ୍ତ୍ରଣ କରିବା କାର୍ଯ୍ୟ ସମୟରେ ମୃତ ଘଟିଲେ। ରେଗୁଲାର କର୍ମଚାରୀଙ୍କୁ ୧୫ଲକ୍ଷ ଓ ଠିକାଙ୍କୁ ୬ଲକ୍ଷ ଟଙ୍କା ଶିମିଳିପାଳ ଫାଉଣ୍ଡେସନ ପକ୍ଷରୁ ପ୍ରଦାନ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି। ସମସ୍ତଙ୍କ ମଧ୍ୟରେ ସତର୍କତା ହିଁ ଜଙ୍ଗଲ ବଞ୍ଚାଇବାରେ ସହାୟକ ହେବ। ତେଣୁକରି ଜିଲ୍ଲା ପ୍ରଶାସନ, ସାମାଜିକ ସଂଗଠନ ଏବଂ ପରିବେଶ ବିତ୍‌ଙ୍କୁ ନେଇ ସମ୍ମିଳିତ ପ୍ରୟାସ ସଚେତନତା କାର୍ଯ୍ୟକ୍ରମ ପ୍ରତି ବ୍ଲକ ଓ ଉପଖଣ୍ଡ ସ୍ତରରେ କରାଯିବ ବୋଲି ମଧ୍ୟ କହିଛନ୍ତି। ୨୦୨୧ ରିପୋର୍ଟ ଅନୁଯାୟୀ ଶିମିଳିପାଳ ଅଭୟାରଣ୍ୟ ଚରମ ଅଗ୍ନିପ୍ରବଣ ବର୍ଗକୁ ଆସିଯାଇଛି। ଗ୍ରୀଷ୍ମପ୍ରବାହ ଓ ତାପମାତ୍ରା ବୃଦ୍ଧି ଯୋଗୁ ପ୍ରତିବର୍ଷ ଜଙ୍ଗଲ ଜଳିଉଠୁଛି। ଏହାର"ଭୟାବହତାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ବନାଗ୍ନି ଋତୁ ଆରମ୍ଭ ହେବା ପୂର୍ବରୁ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି। ନିଆଁକୁ ରୋକା ନ ଗଲେ ନିଆଁ ଆଁରେ ଶିମିଳିପାଳ ଅଭୟାରଣ୍ୟ ଧ୍ୱଂସ ପାଇବାର ମଧ୍ୟ ସମ୍ଭାବନା ରହିଛି।

- ୫ହଜାର କି.ମି ହେବ ଫାୟାର ଲାଇନ
- ୫୭ ପାଟ୍ରୋଲିଂ ଭ୍ୟାନ, ୭୨୫ କର୍ମଚାରୀ ନିୟୋଜିତ
- ୭୩୩ ଟି ଏୟାର ବ୍ଲୟର ମେସିନ ପ୍ରଦାନ

# ମାଟ୍ରିକ୍, ମଧ୍ୟମା ଓ ଏସ୍‌ଓଏସ୍‌ସି ପରୀକ୍ଷାରେ ୧୦୪୮ ଅନୁପସ୍ଥିତ

ବାରିପଦା, ୨୦।୨(ସମିସ): ମାଟ୍ରିକ, ମଧ୍ୟମା ଓ ଏସ୍‌ଓଏସ୍‌ସି ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନ ମୟୂରଭଞ୍ଜ ଜିଲ୍ଲାରେ ୧୦୪୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ମାଟ୍ରିକରେ ସର୍ବାଧିକ ୮୫୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ମଧ୍ୟମାରେ ୨୬ ଓ ଏସ୍‌ଓଏସ୍‌ସି ପରୀକ୍ଷାରେ ୧୬୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ଜିଲ୍ଲାର ୬୧୪ଟି ହାଇସ୍କୁଲର ୩୨ହଜାର ୧୭୦ ଜଣ ପରୀକ୍ଷାର୍ଥୀ ଜିଲ୍ଲାର ମୋଟ ୧୭୯ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବାବେଳେ ପ୍ରଥମ ଦିନ ସାହିତ୍ୟ ବିଷୟରେ ୩୧ହଜାର ୩୧୨ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମଧ୍ୟମା(ସଂସ୍କୃତ) ପରୀକ୍ଷାରେ ଜିଲ୍ଲାର ୯ଟି ସଂସ୍କୃତ ବିଦ୍ୟାଳୟର ୪୪୩ ଜଣ ପରୀକ୍ଷାର୍ଥୀ ୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିବାବେଳେ ୪୧୭ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ରାଜ୍ୟମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀମାନଙ୍କ ପାଇଁ ଜିଲ୍ଲାର ୧୭ଟି ଶିକ୍ଷାନୁଷ୍ଠାନର ୩୬୦ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୪ଟି କେନ୍ଦ୍ରରେ ବ୍ୟବସ୍ଥା ହୋଇଥିବା ବେଳେ ୧୯୬ଜଣ ପରୀକ୍ଷା ଦେଇଛନ୍ତି। ଜିଲ୍ଲାର ମୋଟ ୧୭୯ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୫୦ଟି ପରୀକ୍ଷା କେନ୍ଦ୍ର ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ ହୋଇଥିବା ସହିତ ଏହି ପରୀକ୍ଷା କେନ୍ଦ୍ର ଗୁଡିକରେ ପ୍ରଶାସନିକ ଅଧିକାରୀଙ୍କ ସହିତ ସ୍ୱତନ୍ତ୍ର ପୁଲିସ ମୃତୟନ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଥିଲା। କପି ରୋକିବା ସହିତ ଶାନ୍ତିଶୃଙ୍ଖଳା ସକାଶେ ପ୍ରତିଟି ପରୀକ୍ଷା କେନ୍ଦ୍ରକୁ ସିସିଟିଭି ସ୍କାନରରେ ରଖାଯିବା ସହିତ ପ୍ରତି କେନ୍ଦ୍ରରେ ପୁଲିସ ଓ ପ୍ରଶାସନ ତରଫରୁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତି ହୋଇଥିଲେ। ତତ୍‌ସହିତ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଆରକ୍ଷୀ ଅଧିକାରୀ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଗଠିତ ସ୍କ୍ୱାର୍ଡ ଟିମ୍ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିଛନ୍ତି। ଅବାଧ ଓ ନିରପେକ୍ଷ ଭାବେ ପରୀକ୍ଷା ପରିଚାଳନା ନିମନ୍ତେ କେନ୍ଦ୍ର ଅଧିକ୍ଷକ ଓ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପରୀକ୍ଷା ପରିଚାଳନାରେ କୌଣସି ପ୍ରକାରର ତ୍ରୁଟି ଓ ବିଚ୍ୟୁତିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ପ୍ରଥମ ଦିନରେ ପରୀକ୍ଷାରେ କେହି ପରୀକ୍ଷାର୍ଥୀ ଅସତ ଉପାୟ ଅବଲମ୍ବନ କରିନାହାଁନ୍ତି।

**ସିଟି ମଣ୍ଟେସୋରି**
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
**ନାମଲେଖା ବିଜ୍ଞାପନ (୨୦୨୪-୨୫)**
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା

**ANIMESH FOOD PRODUCTS**
ANIMESH INDIAN SNACKS · Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com
Contact: 8895052838 / 8596070800

## ରାଜ୍ୟପାଳଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଶେଷ

# ଏସ୍‌ଏଚଜି ମହିଳା ଓ କୃଷକଙ୍କ ସହ କଲେ ଆଲୋଚନା

ବାରିପଦା, ୨୦।୨(ସମିସ): ରାଜ୍ୟପାଳ ରଘୁବର ଦାସ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ମଙ୍ଗଳବାର ଶୁଳିଆପଦା ଓ ବାରିପଦା ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଏବଂ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ବାରିପଦା ସ୍ଥିତ ସର୍କିଟ୍ ହାଉସ ଠାରୁ ସଡ଼କ ପଥରେ ବାହାରି ଶୁଳିଆପଦା ବ୍ଲକର କୁଜିଡିହି ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ପୋଷଣ ଅଭିଭାବକ ଓ ଅଙ୍ଗନବାଡ଼ି କର୍ମୀଙ୍କ ସହ ଆଲୋଚନା କରିଥିଲେ।ଏହାପରେ କୁଜିଡିହି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ହିତାଧିକାରୀଙ୍କ ସହ ଆଲୋଚନା କରି ହିତାଧୀକାରୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଏଥିପରେ କୋଷ୍ଠା ଗୋଷ୍ଠୀ



ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଡାକ୍ତର, ପାରାମେଡିକାଲ, ଆଶାକର୍ମୀ ଓ ରୋଗୀଙ୍କୁ ଭେଟି ଆଲୋଚନା କରିଥିଲେ। ଚିକିତ୍ସିତ ରୋଗୀମାନଙ୍କୁ କିପରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ସେନେଇ ଆଲୋଚନା କରି ସମସ୍ୟା ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ସମସ୍ତ ସ୍ୱାସ୍ଥ୍ୟଗତ ସରକାରୀ ସୁବିଧା ଉପଲବ୍ଧ ହେଉଥିବା ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ସାଲସାହି ଠାରେ ପହଞ୍ଚି ଓରମାସ ସବାଇ କ୍ଲଷ୍ଟର ପରିଦର୍ଶନ କରି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ସହିତ ଭାବ ବିନିମୟ କରିଥିଲେ। ସବାଇ ଘାସରେ ତିଆରି ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ ଏବଂ ଗୃହ ଉପଯୋଗୀ ସାମଗ୍ରୀ ଦେଖି ରାଜ୍ୟପାଳ ଖୁସି ପ୍ରକାଶ କରିଥିଲେ। ମା' ମାନେ ଦେଶର ଶକ୍ତି ଏବଂ ଦେଶର ଭବିଷ୍ୟତ ଅଟନ୍ତି। ସମସ୍ତ ନାରୀଙ୍କୁ ଶିକ୍ଷିତ ହେବା ଦରକାର ଏବଂ ଜଣେ ଶିକ୍ଷିତ ନାରୀ ହିଁ ପ୍ରତ୍ୟେକ ଘରର ମେରୁଦଣ୍ଡ ବୋଲି ରାଜ୍ୟପାଳ କହିଥିଲେ। ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ଉଚ୍ଚ ଶିକ୍ଷିତା ନାରୀ ଏବଂ ଏହି ମୟୂରଭଞ୍ଜ ମାଟିର ଝିଅ ଆଜି ସବୁଠୁ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ରର ସର୍ବୋଚ୍ଚ ପଦରେ ସ୍ଥାନିତ ହୋଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପ୍ରୟାସ ଜାରି ରଖିବାକୁ କହିଥିଲେ। ସବାଇ ଘାସ ଜରିଆରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ସବାଇଘାସରୁ ତିଆରି ବିଭିନ୍ନ ସାମଗ୍ରୀର ବିଦେଶରେ ଥିବା ଚାହିଦା ବିଷୟରେ ଅବଗତ କରିଥିଲେ। ଏଥି ସହିତ ସବାଇ ଘାସ ସାମଗ୍ରୀର ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟପାଳ ଭବନକୁ ମହିଳା ମାନଙ୍କ ଦ୍ୱାରା ନିର୍ମିତ ସବାଇ ଘାସର ସୋଫା ସେଟ୍‌କୁ ୨୭ ହଜାର ଟଙ୍କାରେ କିଣିଥିଲେ। ମହିଳା ମାନଙ୍କୁ ଶିକ୍ଷାର ଉପକାରିତା ବିଷୟରେ ମଧ୍ୟ ନିଜ ବକ୍ତବ୍ୟରେ କହିଥିଲେ। ସେଠାରୁ ବଡ଼ଢେଙ୍କିଆ ଗ୍ରାମରେ ପହଞ୍ଚି ଗ୍ରାମବାସୀ ମାନଙ୍କ ସହ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ଓ କୃଷକଙ୍କ ସହ ମଧ୍ୟ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଅଭିଯୋଗ ପତ୍ର ଗ୍ରହଣ କରିବା ସହିତ ସିଧାସଳଖ କୃଷକ ଏବଂ ମହିଳା ମାନଙ୍କ ସହ ଆଲୋଚନା କରି ଅଭିଯୋଗ ଶୁଣିଥିଲେ। ଗ୍ରାମର ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। ଜନସାଧାରଣଙ୍କ ଅଭିଯୋଗ ଶୁଣି ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବାରିପଦା ସ୍ଥିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ହରିବଳଦେବ ଜୀଉଙ୍କ ମନ୍ଦିରରେ ଦିନ ୧.୩୦ ସମୟରେ ପହଞ୍ଚି ମନ୍ଦିର ପରିଦର୍ଶନ କରିଥିଲେ। ସେଠାର ପୂଜାର୍ଚ୍ଚନା କରିବା ସହିତ ସେବାୟତଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ଦର୍ଶନ ସାରି ବାରିପଦା ସର୍କିଟ୍ ହାଉସ ହୋଇ ସଡ଼କ ପଥରେ ଝାଡ଼ଖଣ୍ଡର ଜାମସେଦପୁରକୁ ଗସ୍ତ କରିଥିଲେ। ଗସ୍ତ ଅବସରରେ ରାଜ୍ୟପାଳ ଜିଲ୍ଲାପାଳ ଆଶିଷ ଠାକରେଙ୍କ ସମେତ ଏସ୍‌ପି ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଓରମାସ ଡେପୁଟି ସିଇଓ ବିମାନ ମଲ ଓ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନ ମତଦାନ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୨୦।୨(ସମିସ): ମଙ୍ଗଳବାର ନେହରୁ ଯୁବ କେନ୍ଦ୍ର ମୟୂରଭଞ୍ଜ ତରଫରୁ ବାରିପଦା ବ୍ଲକର ବଡ଼ଯୋଡ଼ ପଞ୍ଚାୟତରେ ନିର୍ବାଚନ ମତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରଶିକ୍ଷକ ପ୍ରଦୀପ ବେହେରା ଯୋଗ ଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ସମାଜସେବୀ ଦିବ୍ୟଜ୍ୟୋତି ନନ୍ଦ ମୁଖ୍ୟବକ୍ତା ଓ ନେହରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ଅଭିଷେକ ଦାସ, ରାକ୍ଷୀ ପୂର୍ଣ୍ଣିମା ଭଞ୍ଜଦେଓ, ଦିବ୍ୟାନି ବେହେରା ଏବଂ କ୍ଷିରୋଦ ପଣ୍ଡା ଉପସ୍ଥିତ ଥିଲେ। ଜନସାଧାରଣଙ୍କୁ ନିର୍ବାଚନରେ ମତଦାନ ପାଇଁ ସଚେତନତାମୂଳକ ବକ୍ତବ୍ୟ ରଖିଥିଲେ।

**PRINCE COLLEGE | SCHOOL**
The No.-1 Residential Institution for
+2 SCIENCE | +2 ARTS | VI TO X
2023 +2 SCIENCE TOPPER
RUDRA NARAYAN BHOI
568 94.8%
DISTRICT TOPPER | ALL ODISHA 2ND TOPPER
ନାମଲେଖା ପାଇଁ ENTRANCE TEST DATE
FOR +2 SCIENCE & ARTS :-
1st Phase - 07.03.2024
2nd Phase - 10.03.2024
3rd Phase - 13.03.2024
4th Phase - 22.03.2024
(4th Phase Entrance, Only for CBSE / ICSE / Other Board Students).
FOR CLASS VI TO IX :-
1st Phase - 24.03.2024
2nd Phase - 31.03.2024
ସମ୍ଭାନ୍ତ ଅଭିଭାବକ / ଛାତ୍ରଛାତ୍ରୀ 2024-25 Session ପାଇଁ Prince College କିମ୍ବା School ରେ ନାମଲେଖା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରି Entrance Test ବିଷୟରେ ଅବଗତ ହୁଅନ୍ତୁ।
SUMMER CLASSES DATE : 14th, 18th, 21st, 28th March 2024
BARIPADA: City Office : Debendrapur, Palbani 8895102045, 9937701648
BALASORE: Central School Square 8763403768, 9337687655

**SPOT ADMISSION IS GOING ON**
in
**GAYATRI SCHOOL AND COLLEGE OF NURSING, BARIPADA**
Interested candidates are invited to take admission in Gayatri School & College of Nursing for the course G.N.M., A.N.M. & for B.Sc. Nursing. Limited seats are available for spot admission.
**ELIGIBILITY FOR SCHOOL OF NURSING:**
+2 Arts, Science & Commerce, Minimum 40% Marks
**ELIGIBILITY FOR B.SC. NURSING:**
+2 Science with Biology, 40% Marks for ST/SC students & 45% Marks for General Category.
**Last date of Admission: 26th of Feb. 2024**
Contact: 9438477846, 9438060121, 9337306245

ଭାଲିଆ-ଦାନ୍ତିଆମୁହାଁ ବାଉଶନାଳ ଉପରେ ନିର୍ମାଣ ହେବ ବ୍ରିଜ୍

# ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ବେତନଟୀ, ୨୦।୨(ସମିସ): ବେତନଟୀବ୍ଲକ ତଥା ଥାନା ଅଧୀନ ଭାଲିଆଠାରେ ବାଉଶନାଳ ପୋଲଉପରେ ଥିବା ବିଜୁସେତୁ ଯୋଜନାରେ ଏକ ହାଇଲେବଲ ବ୍ରିଜ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୋରଡା ବିଧାୟକ




୩୫ବର୍ଷ ପୁରୁଣା ପୋଲ ଭଶୁଡିବା ପରଠାରୁ ଯୋଗାଯୋଗ ଏକପ୍ରକାର ବିଚ୍ଛିନ୍ନ ହୋଇପଡ଼ିଥିଲା। ବର୍ତ୍ତମାନ ରାଜକିଶୋର ଦାସ। ତେବେ ବାଉଶନାଳ ଉପରେ ଥିବା ପୋଲଟି ବଡସାହି ଏବଂ ମୋରଡା ନିର୍ବାଚନମଣ୍ଡଳୀ ମଧ୍ୟରେ ଗମନାଗମନ ସାଙ୍ଗକୁ ଯାତାୟାତ ସମ୍ପର୍କ ସ୍ଥାପନ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମାତ୍ର ଏହି ପୋଲଟି ଭଶୁଡ଼ି ପଡ଼ିବା ଦ୍ୱାରା ବେତନଟୀ, ମୋରଡ଼ା ଏବଂ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ପଞ୍ଚାୟତର ହଜାରହଜାର ଲୋକ ପ୍ରଭାବିତ ହୋଇଥିଲେ। ବିଶେଷକରି ଦାନ୍ତିଆମୁହାଁ ସାପ୍ତାହିକ ହାଟକୁ ସବାଇଘାସ ଏବଂ ସବାଇଦଉଡି ବ୍ୟବସାୟ ପାଇଁ ଆସୁଥିବା କ୍ଷୁଦ୍ର ବ୍ୟବସାୟୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲେ। ଶେଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିରୀକ୍ଷଣରେ ୩କୋଟି ୪୬ଲକ୍ଷ ଟଙ୍କାର ବ୍ୟୟଅଟକଳରେ ଏକ ହାଇଲେବୁଲ ବ୍ରିଜ ନିର୍ମାଣ ନିମନ୍ତେ ସୋମବାର ମାନ୍ୟବର ବିଧାୟକ ରାଜକିଶୋର ଦାସ ଶୁଭ ଦେଇଛନ୍ତି। ଏହି ଅବସରରେ ମୋରଡା ବ୍ଲକଅଧ୍ୟକ୍ଷ ପୀଥନାଥ ସୋରେନ, ୩୯ ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ଝରଣା ମୁର୍ମୁ, ଦାନ୍ତିଆମୁହାଁ ସରପଞ୍ଚ ଗୁରୁବାରୀ ସିଂ, ଯୁବସଂଗଠକ ଯାମିନୀକାନ୍ତ ନାଏକ, ପ୍ରାକ୍ତନ ଜିଲ୍ଲାପରିଷଦ ଅର୍ଜୁନ ପାତ୍ର, ଯୁବନେତା ବ୍ରଜକିଶୋର ମହାନ୍ତଙ୍କ ସମେତ ଶତାଧିକ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ।

## ନିରୁଦ୍ଦିଷ୍ଟ ଯୁବତୀ ଉଦ୍ଧାର



ଖୁଣ୍ଟି, ୨୦।୨(ସମିସ): ରବିବାର ସନ୍ଧ୍ୟାରେ ଜଣେ ଅଜଣାଯୁବତୀ ଖୁଣ୍ଟି ନିକଟସ୍ଥ ଆଦିପୁରଗ୍ରାମରେ ଦେଖିବାକୁ ମିଳିଥିଲା। ଯୁବତୀ ଜଣକୁ ମା' କିଚକେଶ୍ୱରୀ ସେବା ସଦନର ସଦସ୍ୟମାନେ ପଚରାଉଚରା କରିବାରୁ ସେ କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ଅଞ୍ଚଳର ବୋଲି କହିଥିଲା। ସେ ନିଜ ଅଜାଣତରେ ଚାଲି ଆସିଥିବାର ପ୍ରକାଶ କରିଥିଲା। ସେବାସଦନର ସଦସ୍ୟମାନେ ସଙ୍ଗେସଙ୍ଗେ ରରୁଆଁ ଥାନା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବାରୁ ତାକୁ ସୁରକ୍ଷିତ ଭାବେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଥାନା ଅଧିକାରୀ ଓ ସେବା ସଦନର ଏତାଦୃଶ ମହତ କାର୍ଯ୍ୟକୁ ଜନସାଧାରଣ ପ୍ରଶଂସା କରିଛନ୍ତି।

## ୧୧ କେନ୍ଦ୍ରରେ ୧୯୬୨ ପରୀକ୍ଷାର୍ଥୀ, ୬୩ ଅନୁପସ୍ଥିତ

କୁଆମରା, ୨୦।୨(ସମିସ): ମଙ୍ଗଳବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଉକ୍ତ ପରୀକ୍ଷାରେ ଗୋପବନ୍ଧୁ ନଗର ବ୍ଲକର ମୋଟ ୬ଟି କେନ୍ଦ୍ରରେ ୧୧୩୪ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ବିଭିନ୍ନ କେନ୍ଦ୍ରରୁ ୩୨ ଜଣ ଅନୁପସ୍ଥିତ ଅଛନ୍ତି। ସେଥି ମଧ୍ୟରୁ ଖୁଣ୍ଟା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ରେ ୨୫୦ ପରୀକ୍ଷା ଦେବାକୁ ଥିବାବେଳେ ୯ ଜଣ ଅନୁପସ୍ଥିତ, ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୧ ପରୀକ୍ଷା ଦେବାକୁ ଥିବାବେଳେ ୬ ଅନୁପସ୍ଥିତ, କୁଶଳଦା ଉଚ୍ଚ ବିଦ୍ୟାଳୟରେ ୧୪୬ ପରୀକ୍ଷା ଦେବାକୁ ଥିବାବେଳେ ୨ ଅନୁପସ୍ଥିତ, କୁଆମରା ବାଳିକା ଉଚ୍ଚବିଦ୍ୟାଳୟରେ ୧୬୯ ପରୀକ୍ଷା ଦେବାକୁ ଥିବାବେଳେ ୪ ଅନୁପସ୍ଥିତ, ପୁରୁଣା ବାରିପଦା ରିଜିଓନାଲ ଏକାଡେମୀରେ ୧୯୩ ପରୀକ୍ଷା ଦେବାକୁ ଥିବା ବେଳେ ୬ ଅନୁପସ୍ଥିତ ଏବଂ କୁଆମରା ହାଇସ୍କୁଲ କେନ୍ଦ୍ରରେ ୧୭୫ ପରୀକ୍ଷା ଦେବାକୁ ଥିବାବେଳେ ୫ ଅନୁପସ୍ଥିତ ଥିଲେ। ସେହିପରି ଖୁଣ୍ଟା ବ୍ଲକରେ ମୋଟ ୫ଟି ପରୀକ୍ଷା କେନ୍ଦ୍ର ରେ ୮୯୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ଥିବା ବେଳେ ଆଜି ୮୬୦ ପରୀକ୍ଷା ଦେଇଛନ୍ତି। ୩୧ ଜଣ ଅନୁପସ୍ଥିତ ଅଛନ୍ତି। ସେଥି ମଧ୍ୟରୁ ବାସିପିଠା ପରୀକ୍ଷା କେନ୍ଦ୍ର ରେ ୧୩୨ ପରୀକ୍ଷା ଦେବା କୁ ଥିବା ବେଳେ ୨ ଜଣ ଅନୁପସ୍ଥିତ, ଡୁକୁରା ପରୀକ୍ଷା କେନ୍ଦ୍ର ରେ ୧୭୬ ପରୀକ୍ଷା ଦେବା କୁ ଥିବା ବେଳେ ୪ ଅନୁପସ୍ଥିତ, ଧାନଘେରା ପରୀକ୍ଷା କେନ୍ଦ୍ର ରେ ୨୦୧ ପରୀକ୍ଷା ଦେବାକୁ ଥିବା ବେଳେ ୧୩ ଅନୁପସ୍ଥିତ, ବିସିପୁର ପରୀକ୍ଷା କେନ୍ଦ୍ର ରେ ୨୬୧ ପରୀକ୍ଷା ଦେବାକୁ ଥିବା ବେଳେ ୮ ଅନୁପସ୍ଥିତ, ତାଡକିଝରଣ ପରୀକ୍ଷା କେନ୍ଦ୍ର ରେ ୧୨୧ ପରୀକ୍ଷା ଦେବାକୁ ଥିବା ବେଳେ ଏଠାରେ ୪ ଅନୁପସ୍ଥିତ ଥିବାର ସୂଚନା ମିଳିଛି। ତେବେ ଆଜି ପ୍ରଥମ ଦିବସରେ ମାତୃଭାଷା ବିଷୟ ଅନୁଷ୍ଠିତ ପରୀକ୍ଷା ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଛି।

## ୬ ଦଫା ଦାବିନେଇ ଧାରଣା

ବିଶୋଇ, ୨୦।୨ (ସମିସ): କ୍ୟାଡର ପୁନଃସଂରଚନା କରି ବିଜ୍ଞପ୍ତି ପ୍ରକାଶ କରା ନ ଯିବା ପର୍ଯ୍ୟନ୍ତ ସଂଘର ନିର୍ଦ୍ଦେଶ କ୍ରମେ ସଂଘ ଅଧୀନ ଆରଆଇ, ଏଆର.ଆଇ ଓ ଆରଏସ୍‌ମାନେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଶୋଇ ବ୍ଲକର କାର୍ଯ୍ୟରତ ୭ ଜଣ ଆର୍‌ଆଇ, ୩ ଜଣ ଏଆରଆଇ ଓ ଜଣେ ସୁପରଭାଇଜର ଏହି ଆନ୍ଦୋଳନରେ ସାମିଲ ହେବା ସହିତ ବିଶୋଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ କର୍ମଶାଳା

ବେତନଟୀ, ୨୦।୨(ସମିସ): ବେତନଟୀବ୍ଲକ ଭିଡିଓ କନଫୋରେନ୍ସ ହଲରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କୀତ ଏକ କର୍ମଶାଳା ସୋମବାର ଆୟୋଜିତ ହୋଇଯାଇଛି। ବେତନଟୀ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀଙ୍କ ପୌରୋହିତ୍ୟରେ ୩୫ନଂ ଜୋନ୍ ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ବିଡିଓ ଡ.ଅମୃତ କୁମାର ରାଉଳ, ଏବିଡିଓ ଗଗନବିହାରୀ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭକରି ଅନ୍ୟାନ୍ୟ ଜରୁରୀକାଳୀନସ୍ଥିତିରେ କିଭଳି ମୁକାବିଲା କରାଯିବ ସେନେଇ ଆଲୋଚନା କରାଯାଇଥିଲା। ବେତନଟୀ ବ୍ଲକର ଏକାଧିକ ପଞ୍ଚାୟତର ୧୬ଟି ଗାଁରେ ବିପର୍ଯ୍ୟୟ ପରିଚାଳନା ଯୋଜନା ହେବାନେଇ ସୁଶାନ୍ତ କୁମାର ରାଉଳ ସୂଚନା ଦେଇଥିଲେ। ନୋଡାଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଫୋର୍ଡ'କୁ ଜିଲ୍ଲାପ୍ରଶାସନ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ବିପର୍ଯ୍ୟୟ ପରିଚାଳନା ନେଇ କର୍ମଶାଳା ମାଧ୍ୟମରେ ଆକ୍ସନପ୍ଲାନ ପ୍ରସ୍ତୁତ କରିବାକୁ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଏସ୍‌ଏସ୍‌ନହଣ୍ଡାଶୋଳ ସରପଞ୍ଚ ଗୋବିନ୍ଦ ହାଁସଦା, ଯୁଗୋଳ ସରପଞ୍ଚ ବିଜୟ କୁମାର ମାଝୀ, ସନ୍ତରା ସରପଞ୍ଚ ଲକ୍ଷ୍ମୀପ୍ରିୟା ହାଁସଦା, ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ, ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ମୁକ୍ତାପୁର ସମିତିସଭ୍ୟ ବିବେକାନନ୍ଦ ମହାନ୍ତ, ନଡପୁର ସମିତିସଭ୍ୟ ସୁଦାମ ମହାକୁଡ଼, ସନ୍ତରା ସମିତି ସଭ୍ୟା ସୁମତୀ ପୃଷ୍ଟି, ଦହିକୋଟି ସମିତିସଭ୍ୟା ସସ୍ମିତା ସିଂଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚର ଜନପ୍ରତିନିଧି, ଅଗ୍ନିଶମ ବିଭାଗ, କୃଷି ବିଭାଗ ତଥା ଅନ୍ୟାନ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ଶିବାଜୀଙ୍କ ଜନ୍ମୋତ୍ସବ ପାଳିତ



କରଞ୍ଜିଆ, ୨୦।୨(ସମିସ): ଇଟର୍ନିଟି ଆନ୍ତରାଷ୍ଟ୍ରୀୟ ସଂଗଠନ ଓ କରଞ୍ଜିଆ ପ୍ରଗତି ପରିଷଦ ଆନୁକୂଲ୍ୟରେ ଛତ୍ରପତି ଶିବାଜୀଙ୍କ ୩୯୪ତମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ଇଟର୍ନିଟୀ ସମ୍ପାଦକ ହରେକୃଷ୍ଣ ମହାନ୍ତ ସଭାପତିତ୍ୱ କରି ଛତ୍ରପତି ଶିବାଜି ମହାରାଜାଙ୍କୁ ଜଣେ ମହାନ୍ ଯୋଦ୍ଧା, ସଙ୍ଗଠକ ଓ ବିନମ୍ର ଶାସକ ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବେ ବାଣୀ ବିନୋଦ ଭରତ ଚନ୍ଦ୍ର ଦାଶ ଓ ମୁଖ୍ୟବକ୍ତା ଭାବେ ଡ. ଭାଗବତ ଲେଙ୍କା ଯୋଗ ଦେଇ ଶିବାଜୀଙ୍କୁ ଭାରତୀୟ ଧର୍ମ ଓ ଆଧ୍ୟାତ୍ମିକତା ତଥା ଗୁରୁଭକ୍ତି ର ନିଦର୍ଶନରୂପେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରଞ୍ଜିଆ ପ୍ରଗତି ପରିଷଦର ସଂସ୍ଥାପକ ସଭାପତି ସଞ୍ଜୟ ସାହୁ, ଇଞ୍ଜିନିୟର ତ୍ରିଲୋଚନ ସେଠୀ, ସମାଜସେବୀ ପତିତପାବନ ମହାନ୍ତ, ସିଦ୍ଧାର୍ଥ ରାୟ, ସୁବାସ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ଥିଲେ। କରଞ୍ଜିଆ ଏନଏସିକୁ ମୁନିସିପାଲଟି କରାଯାଉ ବୋଲି ସଭିଏଁ ଦାବି ଜଣାଇଥିଲେ। ସଞ୍ଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ରାଜସ୍ୱ ନିରୀକ୍ଷକଙ୍କ କଲମଛାଡ଼ ଆନ୍ଦୋଳନ



କୁଆମରା, ୨୦।୨(ସମିସ): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ପୂର୍ବରୁ କରାଯାଇଥିବା ଦାବି ଗୁଡ଼ିକ ପୂରଣ ନ ହେବାରୁ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ଖୁଣ୍ଟା ତହସିଲ ଅଧୀନରେ ବଡ଼ପଥରା, ବଡ଼ଫେଣୀ, ଖୁଣ୍ଟା, ଡୁକୁରା, ବାସିପିଠା, ଭୋଲାଗଡ଼ିଆ ଓ ବିସିପୁର ୭ ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବନ୍ଦ ଥିବା ବେଳେ ଗୋପବନ୍ଧୁ ନଗର ବ୍ଲକର କୁଆମରା, ସାଇଁକୁଳା, ଜୟପୁର, କୁଶଳଦା, ରାଣୀବନ୍ଧ ଓ ପଶୁଦା ୬ ଟି କାର୍ଯ୍ୟାଳୟ ଆଜି ଠାରୁ ବନ୍ଦ ରହିବା ଯୋଗୁଁ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେବେ ଦାବି ଗୁଡ଼ିକ ପୂରଣ କରିବା ନିମନ୍ତେ ଗତ ୧୭ ତାରିଖ ରେ ଜିଲ୍ଲାପାଳଙ୍କୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଦାବି ଉପରେ ବିଚାର କରା ନଯିବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛି ସଂଘ।

**ରାଇରଙ୍ଗପୁର**: ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖାପକ୍ଷରୁ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଯାହାଫଳରେ ଜାମଦା ତହସିଲ ଅଧୀନରେ ଥିବା ଜାମଦା, ଜାରକାଣୀ, ଦୁନ୍ଦୁ, ତାଳଗାଁ ୪ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବନ୍ଦ ରହିବା ଯୋଗୁଁ ଅଚଳାବସ୍ଥା ହୋଇଥିବା ଦେଖିବାକୁ ମିଳିଛି। ତେବେ ଦାବିଗୁଡ଼ିକ ପୂରଣ କରିବା ନିମନ୍ତେ ଗତ ୧୭ ତାରିଖରେ ଜିଲ୍ଲାପାଳଙ୍କୁ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ଏହି ଦାବିପତ୍ରରେ କର୍ମଚାରୀ ପଦୋନ୍ନତି ସୁବିଧା, କ୍ୟାଡର ପୁନର୍ବିନ୍ୟାସ, ମଣ୍ଡଳ ଅନୁପାତରେ ନୂତନ ରାଜସ୍ୱ ନିରୀକ୍ଷକ ମଣ୍ଡଳ, ରାଜସ୍ୱ ସେବାରେ ପଦନ୍ନୋତି ପାଇବାକୁ ଯୋଗ୍ୟ କର୍ମଚାରୀଙ୍କୁ ଗ୍ରେଡେସନ ତାଲିକା ପ୍ରାପ୍ୟ ସ୍ତରକୁ ପ୍ରାଥମିକତା ଦିଆଯାଇ ବରିଷ୍ଠତା ଭିତ୍ତିରେ ପ୍ରକାଶ ଆଦି ଦାବି ସଂଘ ପକ୍ଷରୁ ରଖାଯାଇଛି। ସୁପରଭାଇଜର ସୁଧାକର ମହାରଣା, ଆର୍‌ଆଇ ସନ୍ତୋଷ ପାତ୍ର, ଗୁରୁଦୀପନ ମହାଳିକ୍, ବିଶ୍ୱଜିତ୍ ସାହୁ, ସାବିତ୍ରୀ ହାଁସଦାଃ, ଗାୟତ୍ରୀ କୁମ୍ଭକାର, ଏଆରଆଇ ତାପସ ମହାରଣା, କାଳିପ୍ରସାଦ ସାହୁ, ରାଜେଶ୍ କୁମାର ନାଏକ ପ୍ରମୁଖ ଏହି କଲମ ଛାଡ଼ ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ବହଳଦା, ୨୦।୨(ସମିସ): ବହଳଦା ବ୍ଲକ କାଙ୍କି ପଞ୍ଚାୟତରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର 'ଆମ ଓଡ଼ିଶା



ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଙ୍କି ଖେଳପଡ଼ିଆରେ ଏହା ଆୟୋଜିତ ହୋଇଥିଲା। ସରପଞ୍ଚ ସାରଥି ହାଁସଦାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ବିଡିଓ ଶରତ କୁମାର ମଲ୍ଲିକ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏବିଡିଓ ଶକ୍ତି ପ୍ରସାଦ ପାଇକରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭମ ସି, ପୂର୍ବତନ ବିଧାୟକ ସାଇବାସୁଶୀଲ ହାଁସଦା, ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବସା, ସାମ୍ବାଦିକ ଅଶୋକ କୁମାର ରାଉତ, ନୋଡାଲ ଅଫିସର ସିଦ୍ଧାର୍ଥ ପାଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସରୋଜ ମଲ୍ଲିକ ସଞ୍ଚାଳନ କରିଥିଲେ। ପଞ୍ଚାୟତର ବିଭିନ୍ନ ଗାଁରୁ ଶହଶହ ମହିଳା, ପୁରୁଷ ଯୋଗଦେଇ ଥିଲେ। ଯମୁନା ଟୁଡୁ ଓ ରଘୁନନ୍ଦନ ସାହୁ ପରିଚାଳନା କରିଥିଲେ।

## ଭୋଟର ସଚେତନତା କାର୍ଯ୍ୟକ୍ରମ




ଖୁଣ୍ଟା, ୨୦।୨(ସମିସ): ଖୁଣ୍ଟା ବ୍ଲକ ଅଧୀନ ବାଙ୍ଗରା ପଞ୍ଚାୟତର ବାଙ୍ଗରା ଗ୍ରାମରେ ନେହରୁ ଯୁବକ କେନ୍ଦ୍ର ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନେହରୁ ଯୁବକେନ୍ଦ୍ରର ଯୁବ ସମାଜସେବୀ ଶିବ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ସୁକୁଲ ସରେନ, ପୂର୍ବତନ ୱାର୍ଡମେମ୍ବର ଦୁର୍ଗା ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଥିଲେ। ରାଜ୍ୟ ଓ ଦେଶର ଭୋଟରମାନେ ସଚେତନ ରହି ନିରପେକ୍ଷ ଭାବେ ମତଦାନ କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏଣୁ ଯୁବପିଢ଼ି ଏଥିପ୍ରତି ସଚେତନ ହେବାପାଇଁ ଆହ୍ୱାନ ଦେଇଥିଲେ ! ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ୱାର୍ଡରୁ ମହିଳା ଓ ପୁରୁଷ ଭୋଟର ଯୋଗଦେଇଥିଲେ।

## କାର୍ଡଧାରୀଙ୍କୁ ବ୍ୟାଗ୍ ଓ ଟଙ୍କା ବଣ୍ଟନ



ବଡ଼ଡାଳିମା/ତିରିଙ୍ଗ, ୨୦।୨(ସମିସ): ତିରିଙ୍ଗ ବ୍ଲକ ଅଧୀନ ବଡ଼ଡାଳିମା ପଞ୍ଚାୟତରେ ୨୦୪୮ ଜଣ ରାସନ କାର୍ଡଧାରୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଜନହିତକାରୀ ଯୋଜନା ମାଧ୍ୟମରେ ସମସ୍ତ ଗରିବ ପରିବାର ମାନଙ୍କୁ ଦୁଇଟି ବ୍ୟାଗ ଓ ୧୦୦୦ ଟଙ୍କା ବଣ୍ଟନ କରାଯାଉଛି। ପ୍ରଥମ ଦିନରେ ଲୋକମାନେ ଉତ୍ସାହର ସହିତ ଏହାକୁ ଶାନ୍ତି, ଶୃଙ୍ଖଳା ମାଧ୍ୟମରେ ଗ୍ରହଣ କରିଛନ୍ତି। ଏହାକୁ ଭିଏଲଡବ୍ଲୁ ମହେନ୍ଦ୍ର ନାଥ, ଯୋଗାଣ ସହାୟିକା ଉମାବତୀ ଭୟ ବଣ୍ଟନ ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ଆଜି

ବାରିପଦା, ୨୦।୨(ସମିସ): ସ୍ଥାନୀୟ ଏପିଜେ ଅବଦୁଲ କାଲାମ ଖେଳପଡ଼ିଆରେ ବୁଧବାର ପୂର୍ବାହ୍ନ ୧୧ଟାରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ବିଦ୍ୟାଳୟ ଶିକ୍ଷା ସହ ଜଡ଼ିତ ସମସ୍ତଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିନବ ପଦକ୍ଷେପ ଗ୍ରହଣ ସ୍ୱରୂପ ଦେଶରେ ପ୍ରଥମଥର ପାଇଁ ଏହିପରି କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଏହି ଅବସରରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚିଳନା କମିଟି, ଆଲୁମିନି କମିଟିଙ୍କୁ ପୁରସ୍କୃତ କରାଯିବ। ଶିକ୍ଷାକ୍ଷେତ୍ରକୁ ଅନନ୍ୟ ସୋପାନକୁ ନେଇଥିବା ତଥା ୨୦୨୩-୨୪ଶିକ୍ଷା ବର୍ଷରେ ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ସାଧନା, ଦୃଢ ନିଷ୍ଠା, ଏକାଗ୍ରତାର ସହ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିଥିବା ପ୍ରତିଭା ଓ କମିଟିକୁ ପୁରସ୍କୃତ କରାଯିବ। ଏନେଇ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାର ୨୬ଟି ବ୍ଲକରୁ ମନୋନୀତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପରିଚିଳନା କମିଟି, ଆଲୁମିନି କମିଟିର ସଦସ୍ୟ/ସଦସ୍ୟା ଓ ସରପଞ୍ଚ ଏଥିରେ ଯୋଗଦେବେ। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲ୍ଲାର ୨ମନ୍ତ୍ରୀ, ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଓ ବାରିପଦା ନଗରପାଳ ଉପସ୍ଥିତ ରହି ପୁରସ୍କାର ବିତରଣ ପୂର୍ବକ ସମ୍ବର୍ଦ୍ଧିତ କରିବେ।

## ଭଣ୍ଡାରିପୋଷିକୁ ସ୍ଥାନାନ୍ତର ହେଲା ଏସ୍‌ବିଆଇ ଶାଖା

ଯଶିପୁର, ୨୦।୨(ସମିସ): ଯଶିପୁର ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ଏକ ସଂକୀର୍ଣ୍ଣ ସ୍ଥାନରେ ଦୀର୍ଘଦିନ ଧରି ଚାଲିଥିଲା। ଏହି ପୁରୁଣା ଶାଖାରେ ପାର୍କିଂ ସହିତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରି ନ ଥିଲା। ଏଥିପାଇଁ ବହୁ ସମୟରେ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରୁଥିଲେ। ଯାହାର ଅନ୍ତ ଘଟିଛି। ଯଶିପୁର ରାଇରଙ୍ଗପୁର ରାସ୍ତାରେ ଥିବା ଷ୍ଟେଟବ୍ୟାଙ୍କ ଯଶିପୁର ଶାଖା ଜାତୀୟ ରାଜପଥ ନମ୍ବର ୪୯ କଡରେ ଥିବା ଭଣ୍ଡାରିପୋଷିକୁ ସ୍ଥାନାନ୍ତରିତ ହୋଇଛି। ଭୁବନେଶ୍ୱର ମଣ୍ଡଳ ଶାଖାର ବରିଷ୍ଠ ବ୍ୟାଙ୍କ ଅଧିକାରୀ ପୋନ୍ନାମବଲବ ଏମ୍ (ଏନ୍ ଡବ୍ଲ୍ୟୁ-୧), ବାଲେଶ୍ୱର ମହାମଣ୍ଡଳର ଉପ-ପ୍ରବନ୍ଧକ ବରିଷ୍ଠ ଅଧିକାରୀ ଶୈଳେଶ କୁମାର ସିହ୍ନା ଓ ଆଞ୍ଚଳିକ ପ୍ରବନ୍ଧକ ବାରିପଦାର ଦେବପ୍ରସାଦ କହଁର ନୂତନ ଗୃହ ପ୍ରବେଶ କରାଇଥିଲେ। ଅତିଥିମାନଙ୍କୁ ଆଦିବାସୀ ନୃତ୍ୟ ଓ ମାଦଳ ଧୁମ୍‌ସା ବଜାଇ ସ୍ୱାଗତ କରାଯିବା ସଙ୍ଗେ ସଙ୍ଗେ ନୂତନ ଗୃହକୁ ପାଛୋଟି ନିଆଯାଇଥିଲା। ନାମ ଫଳକ ଉନ୍ମୋଚିତ ହେବାପରେ ସମସ୍ତ ବରିଷ୍ଠ ଅଧିକାରୀଗଣ ବ୍ୟାଙ୍କ ପରିସରକୁ ବୁଲିଦେଖିଥିଲେ। ଏହି ନୂତନ ଗୃହରେ ପର୍ଯ୍ୟାପ୍ତ ପରିମାଣରେ ପାର୍କିଂ ବ୍ୟବସ୍ଥା ସହିତ ଜାତୀୟ ରାଜପଥରୁ ଯଥେଷ୍ଟ ଦୂରରେ ବ୍ୟାଙ୍କ ରହିଛି। ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି। ବ୍ୟବସ୍ଥା




ଦେଖି ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ସନ୍ତୋଷ ପ୍ରକଟ କରିଥିଲେ। ବ୍ୟାଙ୍କ ଶାଖା ଅଧିକାରୀ ସାରାମଣି ହେମ୍ବ୍ରମ, ସମସ୍ତବ୍ୟାଙ୍କ କର୍ମଚାରୀ, ଅବସରପ୍ରାପ୍ତ ସେନା ଅଧିକାରୀ ମେଜର ଦେବେନ୍ଦ୍ରନାଥ ଦାସ, ଗୃହ ମାଲିକ ତଥା କୋଷାଗାର ଅଧିକାରୀ ଉଦୟନାଥ ନାୟକ, ଧରିତ୍ରୀ ନାୟକ, ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ଗ୍ରାହକମାନେ ଉପସ୍ଥିତ ଥିଲେ।

## ୨୦ତମ 'ମାଗେ ପରବ ଉପୁରୁମ ଜୁମୁର' ଉଦ୍‌ଯାପିତ

ମହୁଲଡ଼ିହା, ୨୦।୨(ସମିସ): ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ବାପାଲ ସାହି ଗାଁ ପଡ଼ିଆ ଠାରେ ମା ବୁରୁ ଯୁବକ ସଂଘ ଆନୁକୂଲ୍ୟରେ ୨୦ ତମ 'ମାଗେ ପରବ ଉପୁରୁମ ଜୁମୁର' ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୧୮ ତାରିଖରେ ପାରମ୍ପରିକ ଉତ୍ସବକୁ ଗ୍ରାମ ମୁଖିଆ ଶିବରାମ ଦେଓଗାମଙ୍କ ତତ୍ତ୍ୱାବଧାନରେ ଗାଁ ଦେହୁରୀ ଶ୍ୟାମସୁନ୍ଦର ସାମାଡ଼ଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଉଦ୍‌ଘାଟନ ହୋଇଥିବା ବେଳେ ୧୯ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ତଥା ସମାଜସେବୀ ପାଲେୟାର ପାଳିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଆର୍ଟିଷ୍ଟ କଲେଜର ରାଷ୍ଟ୍ରପତି ପୁରସ୍କୃତ ରାମେଶ୍ୱର ସଏ, ସିଙ୍ଗରାୟ ହେମ୍ବ୍ରମ୍ ରିଟାର୍ଡ ଆର୍ମି, ସମାଜ ସେବୀ ଦାମୁଦର ହାଇବୁରୁ, କୈଳାଶ ମହାନ୍ତ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ମହାନ୍ତ ଯୋଗଦେଇ ଥିଲେ। ପ୍ରକାଶ ଥାଉ କି ଏହି ସାଂସ୍କୃତିକ ଉତ୍ସବରେ କିଶୋର ଓ ବାଲବିଭାଗର ବାଳକ ବାଳିକାମାନେ ଦୌଡ଼, ଲମ୍ଫଡିଆ, ଉଚ୍ଚଡିଆଁ ସହିତ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଓଡ଼ିଶାର ପଡୋଶୀ ଜିଲ୍ଲା ଓ ପଡ଼ୋଶୀ ରାଜ୍ୟମାନଙ୍କରୁ ଭାଗ ନେଇଥିଲେ। ଶେଷ ପର୍ଯ୍ୟାୟ ଖେଳ ଉପଭୋଗ କରିବା ପାଇଁ ହଜାର ହଜାର ଦର୍ଶକ ପଡ଼ିଆ ଚତୁଃପାର୍ଶ୍ୱରେ ଠିଆହୋଇ ଖେଳ ଉପଭୋଗ କରିଥିଲେ। ଏହି ପ୍ରତିଯୋଗିତାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଉପସ୍ଥିତ ମୁଖ୍ୟ ଅତିଥି ଓ



ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଯୁବକ ସଂଘ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି ଶଶିକାନ୍ତ ପୂର୍ତ୍ତି, ଉପସଭାପତି ଭୀମ ସେନ ଜଙ୍କ, ସମ୍ପାଦକ ଶିବରାମ ଦେଓଗାମ, ସଭ୍ୟ କିଟି ବଦ୍ରା, ରବୀନ୍ଦ୍ର ଦେଓଗାମ, ଶ୍ରୀରାମ ବଦ୍ରା, ରାମସିଙ୍ଗ ହାଇବୁରୁ, ସଞ୍ଜୀବ କୁମାର ଦେଓଗାମ, ଦାମୁଦର ସାମାଡ, ବିରେନ୍ଦ୍ର ହାଇବୁରୁ ପ୍ରମୁଖ ସହଯୋଗ କରିଥିଲେ। ହୋ ସମ୍ପ୍ରଦାୟର ପାରମ୍ପାରିକ ମାଗେ ପ୍ରଥା ଅନୁସାରେ ବାଦ୍ୟର ତାଳେ ତାଳେ ନାଚରେ ପୁରୁଷ, ମହିଳା ଓ କୁଆଁରୀମାନେ ସମସ୍ତେ ଭିନ୍ନଭିନ୍ନ ବେଶଭୂଷାରେ ନାଚୁଥିବା ଦେଖିବାକୁ ମିଳିଛି।

## ଦୁଇ ବାଇକ୍ ମୁହାଁମୁହିଁ; ଦୁଇ ଗୁରୁତର

**ତୁରୁମୁଙ୍ଗା,୨୦।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ସଂଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍‌ରେ ଥିବା ଦୁଇ ଜଣ ଆରୋହି ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଉଭୟଙ୍କୁ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଦୁଇ ବାଇକ୍ ଆରୋହି ହେଲେ ତୁରୁମୁଙ୍ଗା ଥାନା ଅଙ୍ଗିକଳା ଗ୍ରାମର ମୁରଲୀ ଧର ମହାନ୍ତ(୫୫) ଏବଂ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ବାରିଆ ଗ୍ରାମର ଅଂଶୁମାନ ପାତ୍ର(୨୪) ଅଂଶୁମାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ରାଜସ୍ୱ କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ଆନନ୍ଦପୁର, ୨୦।୨(ସମିସ):** ଆନନ୍ଦପୁର, ଘସିପୁରା ଓ ହାଟଡିହି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବି ନେଇ ରାଜସ୍ୱ ନିରୀକ୍ଷକମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ବିଭିନ୍ନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ପଟ୍ଟନାୟକ, ରାଜସ୍ୱ ନିରୀକ୍ଷକ ସଂଜୟ କୁମାର ନାୟକ, ସନ୍ତୋଷ କୁମାର ନାୟକ, ସୀମାସୀମନ୍ତିନୀ ସାହୁ, ବିଜୟଲକ୍ଷ୍ମୀ ନାୟକ, ଅରବିନ୍ଦ ସାହୁ, ସଂଜୟ ପେରେଇ, ମନୋରଂଜନ ନାୟକ, ବିଶ୍ୱନାଥ ସାହୁ, ଅନିଶ କୁମାର ରାଉତ, ଏଆରଆଇ ଜ୍ଞାନେନ୍ଦ୍ର କୁମାର ନାୟକ, ଶ୍ୱେତାରୂପା ଜେନା, ରତ୍ନମଣୀ ଦାଶ, ଚନ୍ଦନ ଚରଣ ଓଝା ପ୍ରମୁଖ ସାମିଲ ହୋଇଛନ୍ତି। ସେହିପରି ଘସିପୁରା ଓ ହାଟଡିହି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ରାଜସ୍ୱ ନିରୀକ୍ଷକମାନେ ୬ ଦଫା ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ଦେଖାଦେଇଛି। ଆର୍‌ଆଇମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ସାଧାରଣ ଲୋକେ ନାହିଁ ନଥିବା ହୀନସ୍ତା ହେଉଥିବା ପରିଲକ୍ଷିତ ହୋଇଛି।

## ବଡ଼ବାପା ପରିବାର ଲୋକଙ୍କ ଆକ୍ରମଣରେ ଯୁବତୀ ଗୁରୁତର

**ରାମଚନ୍ଦ୍ରପୁର,୨୦।୨(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଚମ୍ପାପାଳ ଗ୍ରାମରେ ବଡବାପା ଓ ତାଙ୍କ ପରିବାର ଲୋକଙ୍କ ଆକ୍ରମଣରେ ଝିଆରୀ ଗୁରୁତର ଆହାତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ନିଜ ବଡିଝିଅକୁ ସାଙ୍ଗରେ ଧରି ଦେଢଶୁର ବିରୋଧରେ ଅଭିଯୋଗ କରିବାକୁ ଥାନାକୁ ଯାଇଥିଲେ ବିଧବା ମହିଳା। ଘରେ ରହିଥିଲା ସାନ ଝିଅ। ସେହି ସମୟରେ ସଂଘବଦ୍ଧ ହୋଇ ସାନ ଝିଅକୁ ଆକ୍ରମଣ କରି ଲହୁଲୁହାଣ କଲେ ଦେଢଶୁରଙ୍କ ପରିବାର ଲୋକେ। ଗୁରୁତର ଅବସ୍ଥାରେ ଏବେ ଡାକ୍ତରଖାନାରେ ଭର୍ତ୍ତି ହୋଇଛି ଝିଆରୀ। ବିଧବା ମହିଳା ପ୍ରତିମା ଜେନାଙ୍କ ତିନି ଝିଅକୁ ନେଇ ପରିବାର। କିଛିଦିନ ହେବ ଦେଢଶୁର କୁଳମଣି ଜେନାଙ୍କ ପରିବାର ସହ ସାମାନ୍ୟ କଥା କୁନେଇ କଳି ଝଗଡା ଲାଗୁଥିଲା। ଏଥିରେ ପ୍ରତିମା ଓ ତାଙ୍କ ଝିଅ ମାନଙ୍କୁ ଦେଢଶୁର ପରିବାର ବିଭିନ୍ନ ସମୟରେ ଧମକ ଚମକ ସହ ହଇରାଣ ହରକତ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଗତକାଲି ପ୍ରତିମା ନିଜ ବଡଝିଅକୁ ଧରି ଘଷିପୁରା ଥାନାକୁ ଅଭିଯୋଗ କରିବାକୁ ଆସିଥିବା ବେଳେ ଘରେ ଏକା ରହି ଥିବା ଝିଅକୁ ଦେଢଶୁରର ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନାବାଳିକା ଶାଳୀକୁ ଦୁଷ୍କର୍ମ କରି ଭିଣୋଇ ଗିରଫ



**ଯୋଡା,୨୦।୨ (ସମିସ):** ନାବଳିକା ଶାଳୀକୁ ଦୁଷ୍କର୍ମ କରିବା ଅଭିଯୋଗରେ ବନ୍ଧା ହେଲା ଭିଣୋଇ। ସମ୍ପର୍କରେ ଲାଗିଲା କଳଙ୍କ। ଏଭଳି ଘଟଣା ଯୋଡା ଥାନା ଅଞ୍ଚଳରେ ଘଟିଛି। ପୁଲିସ ଅଭିଯୁକ୍ତ ଭିଣୋଇ ରୟା ମୁଣ୍ଡା (୨୩)ଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗତକାଲି ଏକ ଶୁଦ୍ଧିକ୍ରିୟା କାମ ପାଇଁ ନବମ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କ ପରିବାରର କଛି ସଦସ୍ୟ ନିକଟସ୍ଥ ଜଙ୍ଗଲକୁ ପତ୍ର ସଂଗ୍ରହ ପାଇଁ ଯାଇଥିଲା ବେଳେ ସେମାନଙ୍କ ସହ ନାବାଳିକାଙ୍କ ଭିଣୋଇ ରୟା ମୁଣ୍ଡା ମଧ୍ୟ ଯାଇଥିଲା। ତେବେ ଜଙ୍ଗଲ ଭିତରେ ପତ୍ର ତୋଳିବା ସମୟରେ ନାବାଳିକା ଶାଳୀକୁ ଅନ୍ୟପଟକୁ ଡାକିନେଇ କଳାପାହାଡ ଜଙ୍ଗଲରେ ଅଭିଯୁକ୍ତ ଭିଣୋଇ ଦୁଷ୍କର୍ମ କରିଥିଲା। ପତ୍ର ସଂଗ୍ରହ ପରେ ଉଭୟଙ୍କୁ ଖୋଜାଖୋଜି କରି ନପାଇବାରୁ ନିରାଶ ହୋଇ ଘରକୁ ଫେରି ଆସିଥିଲେ ପରିବାର ଲୋକେ। ସେପଟେ ରାତିରେ ନାବାଳିକା ଶାଳୀକୁ ଆଣି ଘର ପାଖରେ ଛାଡ଼ିଦେଇ ଚାଲିଯାଇଥିଲା ଅଭିଯୁକ୍ତ ଭିଣୋଇ। ତେବେ ଭିଣୋଇ ରୟା ମୁଣ୍ଡା ତା'କୁ ବଳପୂର୍ବକ ଦୁଷ୍କର୍ମ କରିଥିବା ନେଇ ମା'ଙ୍କୁ ଜଣାଇଥିଲା ପୀଡ଼ିତା ନାବାଳିକା। ଏନେଇ ପୀଡ଼ିତାଙ୍କ ମାଆ ଯୋଡ଼ା ଥାନା ଦ୍ୱାରସ୍ଥ ହୋଇଥିଲା। ଯୋଡା ଥାନାରେ ଏତଲା ଦେବାପରେ ପୁଲିସ୍ କେଶ୍ ନଂ ୧୦୧/୨୪ରେ ଦଫା ୩୭୬ ଏବଂ ୬ ପୋକ୍ସ ଆକ୍ଟରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଭିଣୋଇକୁ ଗିରଫ କରି କୋର୍ଟଚାଲାଣ କରିଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ତୁରୁମୁଙ୍ଗା,୨୦।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଲ୍ଲୀପଶି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଷଷ୍ଠ ବର୍ଷିକ ଉତ୍ସବ ପାଳିତ ହୋଇଯାଇଛିଫ ବିଦ୍ୟାଳୟର ଉପଦେଷ୍ଟା ଶିକ୍ଷକ ପାର୍ଥସାରଥୀ ବେଜଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ମୁଖ୍ୟବକ୍ତା ଭାବେ ଥାନାଧିକାରୀ ବିବସ୍ୱ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ରୁନୁ ମହାନ୍ତ, ମୂଷାଖୋରୀ ସରପଞ୍ଚ ଭାମାମଣୀ ଦାସ, ଭାରତୀୟ ଶିକ୍ଷା ବିକାଶ ପରିଷଦର ସମ୍ପାଦକ ଯଯାତି କୁମାର ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟର ଯୋଗାଚାର୍ଯ୍ୟ ଡ. ବିଶ୍ୱରଞ୍ଜନ ରଥ, ପାଟଣା ଏବିଇଓ ସଚ୍ଚିଦାନନ୍ଦ ସେଠୀ ଓ ବିଜୟ କୁମାର ଓଝା, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଶତ୍ରୁଘନ ସେଠୀ, ପ୍ରିନ୍ସପାଲ ବବୃବାହାନ ସାହୁ, ଭାଇସ ପ୍ରିନ୍ସପାଲ ଅମୀୟ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ।ସାମ୍ବାଦିକ ସଞ୍ଜୟ କୁମାର ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ବବିତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା**

# ପରୀକ୍ଷା ଦେଲେ ୨୪୬୩୧ ଛାତ୍ରଛାତ୍ରୀ





**କେନ୍ଦୁଝର,୨୦।୨(ସମିସ)**

ମଙ୍ଗଳବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୪ ତାରିଖରେ ଶେଷ ହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କେନ୍ଦୁଝର ଜିଲ୍ଲାରେ ଅନେକ ପରୀକ୍ଷା କେନ୍ଦ୍ରରେ ଗତବର୍ଷ ବ୍ୟାପକ ବିଶୃଙ୍ଖଳା ଦେଖା ଦେବା ସହ କପି ହେଉଥିବା ନଜରକୁ ଆସିଥିଲା। କପି ହେଉଥିବା କେନ୍ଦ୍ରରେ ତୁରନ୍ତ କେନ୍ଦ୍ର ଅଧିକ୍ଷକଙ୍କ ଦାୟିତ୍ୱ ମୁକ୍ତ କରାଯାଇ ନୂତନ ଭାବେ କେନ୍ଦ୍ର ଅଧିକ୍ଷକ ନିଯୁକ୍ତି କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି। ପ୍ରଥମଥର ନିମନ୍ତେ ବୋର୍ଡ ଦ୍ୱାରା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ୟାମେରା ମାଧ୍ୟମରେ ପରୀକ୍ଷା ପରିଚାଳନା କରିବାକୁ ବୋର୍ଡ ଯୋଜନା କରିଛି। ସମ୍ବେଦନଶୀଳ କେନ୍ଦ୍ର ଚିହ୍ନଟ କରାଯାଇ ସିସିଟିଭି ଲଗାଯାଇଛି। ଚଳିତ ମାଟ୍ରିକ ପରୀକ୍ଷାରେ କେନ୍ଦୁଝର ଜିଲାରେ ୧୩୭ଟି ପରୀକ୍ଷା କେନ୍ଦ୍ର ଓ ୧୧ଟି ନୋଡାଲ କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ଜିଲ୍ଲାରେ ୪୭୭ ଗୋଟି ବିଦ୍ୟାଳୟର ମୋଟ ୨୫ହଜାର ୨୮୦ ଫର୍ମ ପୂରଣ କରିଥିଲେ।ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୨୪୬୩୧ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି। ପରୀକ୍ଷାକୁ ସ୍ୱଚ୍ଛତା ଆଣିବା ନିମନ୍ତେ ଜିଲ୍ଲାରେ ୧୧ଟି ନୋଡାଲ ସେଣ୍ଟର କରାଯାଇଛି। ଏଥିସହିତ ୩୫ଟି କେନ୍ଦ୍ରରେ ଆଂଶିକ ସିସିଟିଭି ଲଗା ଯାଇଥିବା ସୂଚନା ମିଳିଛି। ଚଳିତ ବର୍ଷ କେନ୍ଦ୍ର ଗୁଡିକରେ ସିସିଟିଭି ଲଗାଯାଇ ରାଜ୍ୟସ୍ତରରେ ମନିଟରିଂ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି। ଏଥି ସହିତ ୨ଟି ପରୀକ୍ଷା କେନ୍ଦ୍ରରେ ୩ଟି ସ୍କୁଲର ୬୫ ଜଣ ମଧ୍ୟମା ପରୀକ୍ଷା ଦେଇଥିବା ବେଳେ ୧୪ଟି ଶିକ୍ଷା କେନ୍ଦ୍ରର ୩୪୧ ଜଣ ପରୀକ୍ଷାର୍ଥୀ ଏସଓଏସ ପରୀକ୍ଷା ଦେଇଥିବା ଜଣାପଡିଛି। ତେବେ ଚଳିତ ମାଟ୍ରିକ ପରୀକ୍ଷାରେ ୨୭ଗୋଟି ପରୀକ୍ଷା କେନ୍ଦ୍ରକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇ ସେହି କେନ୍ଦ୍ରଗୁଡିକ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଥିବା ଜଣାପଡିଛି।

### ପାଟଣା ବ୍ଲକରେ ୧୬୯୦ ପରୀକ୍ଷାର୍ଥୀ

**ତୁରୁମୁଙ୍ଗା:** ମଙ୍ଗଳବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପାଟଣା ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ରରେ ୧୭୩୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୭ ଜଣ ଅନୁପସ୍ଥିତ ରହିଛନ୍ତି। ପାଟଣା ଜିଏନ୍ ହାଇସ୍କୁଲ ୩ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ, ଟାଙ୍ଗରପଡାରେ ୨ ଜଣ, କେଦେଇପଶିରେ ୫, ଜନତା ହାଇସ୍କୁଲ ମଲ୍ଲୀପଶିରେ ୫, ରାଜନଗର ରେ ୭, ଅଙ୍ଗିକଳାରେ ୧୧, ସ୍ୱାମ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟରେ ଜଣେ, ମୁରୁସୁଆଁ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୭ ଜଣ, ଡୁମୁରିଆ ପରୀକ୍ଷା କେନ୍ଦ୍ରରେ ୨୧୧ ଜଣ ମଧ୍ୟରୁ ୨୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସେହିପରି ଖୀରେଇଟାଙ୍ଗିରୀ ପରୀକ୍ଷା କେନ୍ଦ୍ରରେ ୧୧୩ ଜଣଙ୍କ ମଧ୍ୟରୁ ୪ ଜଣ ଅନୁପସ୍ଥିତ ରହି ୧୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

### ୬୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବାଲିବନ୍ଧ:** ମାଟ୍ରିକ ପରୀକ୍ଷା ଝୁମ୍ପୁରା ନୋଡାଲ କେନ୍ଦ୍ର ଅଧୀନରେ ଥିବା ୧୨ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ପରୀକ୍ଷା ସଂପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଥିବା ନେଇ ନୋଡାଲ କେନ୍ଦ୍ର ଇନ୍‌ଚାର୍ଜ ମୋହନ କୁମାର ମାଝୀ ସୂଚନା ଦେଇଛନ୍ତି। ପ୍ରଥମ ଦିନ ୧୨ଟି ପରୀକ୍ଷା କେନ୍ଦ୍ରରେ ମୋଟ ୬୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ସର୍ବାଧିକ ଉଖୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩ ଜଣ, ପଞ୍ଚସଖା ଉଚ୍ଚ ବିଦ୍ୟାଳୟ ଆମୁଣି କେନ୍ଦ୍ରରେ ୧୦ଜଣ, ଏସ୍‌ବି ନୋଡାଲ ଉଚ୍ଚ ବିଦ୍ୟାଳୟ ପଳାଶପଙ୍ଗା କେନ୍ଦ୍ରରେ ୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଅନ୍ୟ ପରୀକ୍ଷା କେନ୍ଦ୍ର ଗୁଡିକ ମଧ୍ୟରୁ ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩ଜଣ ପରୀକ୍ଷାର୍ଥୀ, ପଦ୍ମପୁର ମହାଲକ୍ଷ୍ମୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ ଜଣ, ରାଇସୁଆଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ଜଣ, ଗୋବର୍ଦ୍ଧନ ଜନତା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧ଜଣ, ମହାଦେଇଯୋଡା ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୭ଜଣ, କାଉଁରିକଳା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୮ଜଣ, ଖୁଣ୍ଟାପଡା ଏବିଏ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ଜଣ, ନହବେଡା ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ଜଣ; ସମୁଦାୟ ୬୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ନେଇ ଝୁମ୍ପୁରା ନୋଡାଲ କେନ୍ଦ୍ର ଇନ୍‌ଚାର୍ଜ ସୂଚନା ଦେଇଛନ୍ତି।

### ୧୪କେନ୍ଦ୍ରରେ ୨୩୦୯ ପରୀକ୍ଷାର୍ଥୀ

**ସୋସୋ/ହାଟଡ଼ିହୀ:** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଶିକ୍ଷାମଣ୍ଡଳରେ ୧୪ଗୋଟି ପରୀକ୍ଷା କେନ୍ଦ୍ରରେ ୨୩୦୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲା ବେଳେ ୧୩୭ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ହାଟଡ଼ିହୀ କେନ୍ଦ୍ରରେ ୨୮୭ରୁ ୨୮୦, ବରାହୀ ବଞ୍ଚୋ କେନ୍ଦ୍ରରେ ୧୫୩ରୁ ୧୫୩, ଟିଏମ ଏକାଡ଼େମୀ କେନ୍ଦ୍ରରେ ୨୩୬ରୁ ୨୧୩, କଳିଗାଁ ସ୍ଥିତ କପିଳେଶ୍ୱର କେନ୍ଦ୍ରରେ ୧୯୨ରୁ ୧୮୫, ମୁଗୁପୁର କେନ୍ଦ୍ରରେ ୧୩୫ରୁ ୧୩୧, ମରେଇଗାଁ କେନ୍ଦ୍ରରେ ୧୦୭ରୁ ୧୦୬, ଜପିଦାସ ବଡ଼ରମ୍ପାସ କେନ୍ଦ୍ରରେ ୧୩୧ରୁ ୧୨୮, ବାଙ୍ଗୋର ବାଳିକା କେନ୍ଦ୍ରରେ ୧୧୪ରୁ ୧୧୧, ବାଙ୍ଗୋର କେନ୍ଦ୍ରରେ ୧୨୪ରୁ ୧୦୦, ଢ଼େଙ୍କା କେନ୍ଦ୍ରରେ ୨୧୨ରୁ ୧୯୬, ବି.କେ ସୋସୋ କେନ୍ଦ୍ରରେ ୧୨୨ରୁ ୧୧୭, ବାଲିବରେଇ କେନ୍ଦ୍ରରେ ୨୧୫ରୁ ୧୮୮, ମୁକୁନ୍ଦ ଚରଣ ବିଦ୍ୟାପୀଠ ନନ୍ଦିପଦା ହାଟ କେନ୍ଦ୍ରରେ ୨୦୯ରୁ ୨୦୯, ଆରବି ସଡ଼ଙ୍ଗ କେନ୍ଦ୍ରରେ ୨୦୯ରୁ ୧୯୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ମୋଟ୍ ୨୪୪୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୦୯ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲା ବେଳେ ୧୩୭ଜଣ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଥିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିସହିତ ଜିସି ଓରାଳି ମଧ୍ୟମା କେନ୍ଦ୍ରରେ ୪୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୮ଜଣ ପରୀକ୍ଷା ଦେଇଥିବା ବେଳେ ୯ଜଣ ଅନୁପସ୍ଥିତ ଥିବା ନେଇ ଜଣାଯାଇଛି।

### ୩୩ଟି କେନ୍ଦ୍ରରେ ୫୯୪୮ ପରୀକ୍ଷାର୍ଥୀ

**ଆନନ୍ଦପୁର:** ଆନନ୍ଦପୁର ଓ ଘସିପୁରା ବ୍ଲକର ୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫୯୪୮ ଜଣ ପରୀକ୍ଷା ଦେଇଛନ୍ତି। ନୋଡାଲ କେନ୍ଦ୍ର ଭାବେ ଆନନ୍ଦପୁର ବଳଭଦ୍ର ନାରାୟଣ ହାଇସ୍କୁଲକୁ ଚୟନ କରାଯାଇଥିବା ବେଳେ ୩୨ ଜଣ ସଂସ୍କୃତ ମଧ୍ୟମା ପରୀକ୍ଷାର୍ଥୀ ଏହି କେନ୍ଦ୍ରରେ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ଆନନ୍ଦପୁର ଶିକ୍ଷାଧିକାରୀ ଅଧୀନରେ ଥିବା ୨୨ଟି ପରୀକ୍ଷା କେନ୍ଦ୍ରରେ ୩୮୬୮ ଜଣ ନିୟମିତ ପରୀକ୍ଷାର୍ଥୀ ଓ ଘସିପୁରା ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ୧୧ ଟି ପରୀକ୍ଷା କେନ୍ଦ୍ରରେ ୨୦୮୦ ଜଣ ନିୟମିତ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ ପ୍ରକାଶ କରିଛନ୍ତି। ଶୃଙ୍ଖଳିତ ଉପାୟରେ ପରୀକ୍ଷା ପରିଚାଳନା ପାଇଁ ନୋଡାଲ ପର୍ଯ୍ୟବେକ୍ଷକ ଭାବେ ପରୀକ୍ଷା କେନ୍ଦ୍ର ଗୁଡିକ ପରିଦର୍ଶନ ଓ ତଦାରଖ ନିମନ୍ତେ କେନ୍ଦୁଝର ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ନରସିଂହ ମୁର୍ମୁଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ବଳଭଦ୍ର ନାରାୟଣ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓଁକାର ଓନେଶ ନୋଡାଲ ସୁପରିଟେଣ୍ଡେଣ୍ଟ ଭାବେ ପରୀକ୍ଷା ପରିଚାଳନା କରୁଥିବା ଜଣାଯାଇଛି। ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଟ୍ରିକ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇଥିଲା। ପରୀକ୍ଷା କେନ୍ଦ୍ର ଗୁଡିକରେ କପି ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇ ନୋଡାଲ କେନ୍ଦ୍ରରେ ଲାଇଭ ସିସି ଟିଭି କ୍ୟାମେରାରେ ପରୀକ୍ଷା ପରିଚାଳନାକୁ ଅନୁଧ୍ୟାନ କରାଯାଉଥିବା ଆନନ୍ଦପୁର ଶିକ୍ଷାଧିକାରୀ ଅଜିତ କୁମାର ବାରିକଙ୍କ ଠାରୁ ସୂଚନା ମିଳିଛି।

### ପରୀକ୍ଷା ଦେଲେ ୫ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀ



**କେନ୍ଦୁଝର:**କେନ୍ଦୁଝର ସହର ଉପକଣ୍ଠ ସିଦ୍ଧମଠ ନିକଟରେ ଥିବା ମନୋଜ ମଞ୍ଜରୀ ଶିଶୁଭବନର ୩ ଜଣ ପୁଅ, ୨ ଝିଅଙ୍କୁ ମିଶାଇ ୫ଜଣ ଦୃଷ୍ଟିହୀନ ପରୀକ୍ଷାର୍ଥୀ ମଙ୍ଗଳବାର ଦିନ ମାଟ୍ରିକ ପରୀକ୍ଷା ଦେଇଛନ୍ତି। କେନ୍ଦୁଝର ସହରର ମୋଚିବନ୍ଧ ହାଇସ୍କୁଲଠାରେ ସେମାନେ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାର୍ଥୀମାନେ ହେଲେ ଯୋଗେନ୍ଦ୍ର ମହାନ୍ତ, ନନ୍ଦିନୀ ସିଂ, ଅଭୟ ନାୟକ, ଗାୟତ୍ରୀ ଜେନା ଓ ପ୍ରଧାନ ମୁଣ୍ଡାଫ ଏମାନଙ୍କ ନିମନ୍ତେ ଗାଇଡ୍ ଟିଚର ଭାବେ ପଦ୍ମିନୀ ମହାନ୍ତ ଥିଲେ ବୋଲି ଜଣାପଡିଛି।

## କପୁଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ପାଟଣା ଚାମ୍ପିଅନ୍



**ପାଟଣା,୨୦।୨(ସମିସ):** ପାଟଣା ଥାନା ଅନ୍ତର୍ଗତ କପୁଣ୍ଡି କ୍ରିକେଟ କ୍ଲବ ଆନୁକୂଲ୍ୟରେ କପୁଣ୍ଡି ଖେଳପଡିଆରେ ଅନୁଷ୍ଠିତ ହେଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ପାଟଣା ଏବଂ ପଇଦାପାଟଣା ମଧ୍ୟରେ ହୋଇଥିଲା। ଏଥିରେ ପାଟଣା ଏକାଦଶ ବିଜୟ ଲାଭ କରିଥିଲା। ପାଟଣା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ ପଇଦାପାଟଣା ଦଳ ୧୦ ଓଭରରେ ୯୩ ରନ ସଂଗ୍ରହ କରିବା ପାଇଁ ସକ୍ଷମ ହୋଇଥିଲା। ପାଟଣା ଏକାଦଶ ୧୦ ରନରେ ବିଜୟ ହାସଲ କରି ଚମ୍ପିୟାନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, କପୁଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଆଇନଜୀବୀ ରାହାସ ବିହାରୀ ପୃଷ୍ଟି, ସାହାରପଡା ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ପ୍ରଶାନ୍ତ ଭଞ୍ଜଦେଓ ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀପ କୁମାର ମଲ୍ଲିକ, ଆୟୁଷ ସେଠୀ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ଅବିନାଶ ସେଠୀ ଏବଂ ବ୍ରହ୍ମାନନ୍ଦ ରଣା ଦାୟିତ୍ୱ ତୁଲାଇଥିବା ବେଳେ ଅଜୟ କୁମାର ବେଜ ଧାରା ବିବରଣୀ ପ୍ରଦାନ କରିଥିଲେ। କପୁଣ୍ଡି କ୍ରିକେଟ କ୍ଲବର ଅଙ୍କିତ ସେଠୀ, ଭବାନୀ ଶଙ୍କର ପୃଷ୍ଟି, ଅବିନାଶ ସେଠୀ, ସିପୁନ ରଣା, ଆୟୁଷ ସେଠୀ, ବ୍ୟାସଦେବ ପୃଷ୍ଟି, ଚନ୍ଦନ ବେଜ, ଲଳିତ ମହାନ୍ତ, ଶମ୍ଭୁ ଦାସ, ଅନିଲ ନାଏକ, ବିଶ୍ୱନାଥ ବିଶୋଇ, ତନ୍ମୟ ପୃଷ୍ଟି, ଭୁବନ ପାତ୍ର, ମିଥୁନ ପଇଦା, ଇର୍ଫାନ ହକ, ସୁନିଲ ନାଏକ, ଶ୍ରୀକୃଷ୍ଣ ବିଶୋଇ, ବିପ୍ଳବ କୁମାର ପୃଷ୍ଟି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

**ଆଦିବାସୀ ଛାତ୍ରୀନିବାସରେ ଛାତ୍ରୀଙ୍କ ମୃତ୍ୟୁ**

# ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସନ୍ଦେହ



**କେନ୍ଦୁଝର/ତୁରୁମୁଙ୍ଗା/ପାଟଣା,୨୦।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଘଟଗାଁ ଥାନା ଅନ୍ତର୍ଗତ ପଲାଶଘାଟି ସରକାରୀ ଉଚ୍ଚ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସରେ ରହି ପାଠ ପଢୁଥିବା ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହ ଜନକ ଭାବରେ ସୋମବାର ରାତିରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ କାଳିଘାଇ ଗ୍ରାମର କାର୍ତ୍ତିକ ନାୟକଙ୍କ ଝିଅ ପ୍ରିୟଦର୍ଶନୀ ନାୟକ(୧୧)। ସେ ପଲାଶଘାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀନିବାସରେ ରହୁଥିଲେ। ଗତକାଲି ସନ୍ଧ୍ୟାରେ ତାଙ୍କୁ ପ୍ରଥମେ ବାନ୍ତି ହେବା ପରେ ଅସୁସ୍ଥ ଅନୁଭବ କରିଥିଲେ। ବିଳମ୍ବିତ ରାତିରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଣି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଛତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଛାତ୍ରୀଙ୍କ ମୁହଁରୁ ଫେଣ ଓ ନାକରୁ ରକ୍ତ ବାହାରୁ ଥିବା ଦେଖିବାକୁ ମିଳିଥିଲା। ଛାତ୍ରୀଙ୍କ ମୃତ୍ୟୁ ଖବର ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ନେତୃତ୍ୱରେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ, ଆଇଟିଡିଏ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର ନାଏକ, ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ମନରଞ୍ଜନ ପାତ୍ର, ବିଡିଓ ଶିବ ଶଙ୍କର ମୁର୍ମୁ, ତହସିଲଦାର ଲୀଳାବତୀ ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ଶୁଭେନ୍ଦୁ ବଳ ପ୍ରମୁଖ ଡାକ୍ତରଖାନା ଓ ହଷ୍ଟେଲରେ ପହଞ୍ଚି କିଭଳି କେଉଁ ପରିସ୍ଥିତିରେ ଛାତ୍ରୀଙ୍କ ମୃତ୍ୟୁ ହେଲା ତାହା ତଦନ୍ତ କରିଛନ୍ତି। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର୍ ଦେଓଙ୍କୁ ପଚାରିବାରୁ ଛାତ୍ରୀନିବାସରେ ପିଲା ଖଟରେ ଶୋଉଥିବା କହିଛନ୍ତି। ଛାତ୍ରୀ ଜଣକ ସନ୍ଧ୍ୟାରେ ପଡିଆକୁ ଖେଳିବାକୁ ଯାଇଥିବା ବେଳେ ସାପ କାମୁଡି ଦେଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଟଣା ତହସିଲଦାର ଲୀଳାବତୀ ନାୟକଙ୍କ ଉପସ୍ଥିତିରେ ଘଟଗାଁ ପୁଲିସ ସହାୟତାରେ ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ତହସିଲଦାର ପ୍ରାଥମିକ ଭାବେ ୨୦ ହଜାର ଟଙ୍କା ମୃତ ଛାତ୍ରୀଙ୍କ ପରିବାରଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକଙ୍କୁ ପଚାରିବାରୁ ଛାତ୍ରୀ ଡାହାଣ ହାତ ଆଙ୍ଗୁଠିରେ କ୍ଷତ ଥିବାରୁ ବିଷ ଧର ସର୍ପ କାମୁଡିଥିବା ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି। ଛାତ୍ରୀଙ୍କ ମୃତ୍ୟୁଖବର ଜାଣି ସହପାଠୀ ମ୍ରିୟମାଣ ହୋଇପଡିଛନ୍ତି। ଏନେଇ ଘଟଗାଁ ଥାନାରେ ୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର ସୂଚନା ଦେଇଛନ୍ତି।

**ନିଖୋଜ ଶ୍ରୀଧର ଫରିଦାବାଦରେ ଠାବ**

# ସ୍ୱାମୀ ବୋଲି ଦାବି କରୁଛନ୍ତି ୨ ମହିଳା



**ବେଲବାହାଲି, ୨୦।୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପଞ୍ଚାୟତ ଟୋଲଙ୍ଗପଡା ଗ୍ରାମର ହରିହର ବେହେରାଙ୍କ ଝିଅ ପୂର୍ଣ୍ଣିମା ରୁଗୁଡିବେଡାର ଶ୍ରୀଧର ଦାସଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଶ୍ରୀଧର କାମଧନ୍ଦା ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଇଥିବା ବେଳେ ଦୀର୍ଘ ଦିନ ଧରି ତାଙ୍କର କୌଣସି ପତ୍ତା ମିଳିନଥିଲା। ଗତ ୨୦୦୮ ମସିହାରେ ଶ୍ରୀଧର କାମଧନ୍ଦା ଅନ୍ୱେଷଣରେ ଚେନାଇ ଯାଇଥିଲେ। ୬ମାସ ପରେ ପରିବାର ସହିତ ଯୋଗସୂତ୍ର ନରଖିବା ସହିତ ଦୀର୍ଘ ୫ ବର୍ଷ ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନଥିଲା। ପରେ ସେ ଦିଲୀର ଏକ ଘରୋଇ ଠିକା ସଂସ୍ଥାରେ ଥିବା ଖବର ମିଳିଥିଲା। ହେଲେ ତାଙ୍କୁ ଉଦ୍ଧାର କରିବା ପାଇଁ ପରିବାରବର୍ଗ ସକ୍ଷମ ନଥିବାରୁ ନିରୁପାୟ ହୋଇପଡିଥିଲେ। ଏହି ଖବର ଫଟୋ ସହ 'ସକାଳ'ରେ ପ୍ରକାଶ ପାଇବା ପରେ ସେହି ଗ୍ରାମରୁ ଦୀର୍ଘ ଦିନ ଧରି ନିଖୋଜ ଥିବା ଗୋଲଖ ଦାସଙ୍କ କଥା ମନେ ପକାଇ ସ୍ତ୍ରୀ ଜୟନ୍ତୀ ଦାସ ଶ୍ରୀଧରଙ୍କୁ ନିଜ ସ୍ୱାମୀ ବୋଲି ଦାବି କରୁଥିବା ଘଟଣା ଉକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏନେଇ ଜୟନ୍ତୀ ଫରିଦାବାଦରୁ ତାଙ୍କୁ ଉଦ୍ଧାର କରିବାକୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଫେରାଦ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଫରିଦାବାଦଠାରେ ସ୍ଥାନୀୟ ଯୁବକ ଅଜବ ସିଂ ଠାବ କରିଥିବା ବ୍ୟକ୍ତି ଶ୍ରୀଧର ବୋଲି ପୂର୍ଣ୍ଣିମା ଦାବି କରୁଥିବା ବେଳେ ଜୟନ୍ତୀ ଏହି ବ୍ୟକ୍ତି ଗୋଲଖ ଦାସ ବୋଲି ଦାବି କରିବା ଘଟଣା ଉକ୍ତ ଅଞ୍ଚଳରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ପ୍ରାୟ ମାସେ ତଳେ ଫରିଦାବାଦ ତାଇଗାଁ ଜିଲ୍ଲା ଲହନଡୋଲା ଅଞ୍ଚଳର ଅଜବ ସିଂ ଦାଦନ ଖଟିବାକୁ ଯାଇଥିବା ଶ୍ରୀଧରଙ୍କର ମାନସିକ ଭିନ୍ନକ୍ଷମ ହୋଇ ନିଖୋଜ ହୋଇଥିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହି ଖବର ଜାଣିବା ପରେ ଶ୍ରୀଧରଙ୍କ ସମ୍ପର୍କୀୟ ଯୋଗସୂତ୍ର ସ୍ଥାପନ କରିଥିଲେ। ତେବେ ଶ୍ରୀଧର ଫରିଦାବାଦର ଅଜବ ସିଂଙ୍କ ତତ୍ତ୍ୱାବଧାନରେ ସୁରକ୍ଷିତ ଅବସ୍ଥାରେ ଥିବା ସେ ଫୋନ ମାଧ୍ୟମରେ ଜଣାଇଥିଲେ। ହେଲେ ତାଙ୍କୁ ଉଦ୍ଧାର କରି ଆଣିବାକୁ ସ୍ତ୍ରୀ ଓ ଦୁଇ ସନ୍ତାନଙ୍କ ନିକଟରେ ଆର୍ଥିକ ସମ୍ବଳ ନଥିବାରୁ ପୂର୍ଣ୍ଣିମା ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇ ସ୍ୱାମୀଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି।

ସକାଳ THE SAKALA



## ରେଳ ବିଭାଗ ଅଧିକାରୀଙ୍କ ନିରୀକ୍ଷଣ

# ଭାଗଲପୁର ଗଳାପୋଲ ନିର୍ମାଣ ପାଇଁ ତତ୍ପରତା

ଯୋଡା,୨୦।୨(ସମିସ)

ଯୋଡା ବ୍ଲକ ବିରିକଳା ଗ୍ରାମପଞ୍ଚାୟତର ଭାଗଲପୁର ଠାରେ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ଏକ ଗଳାପୋଲ ନିର୍ମାଣ ସକାସେ ରେଳ ବିଭାଗର ଅଧିକାରୀମାନେ ଅଞ୍ଚଳ ପରିଦର୍ଶନ କରି ପରୀକ୍ଷଣ ଓ ନିରୀକ୍ଷଣ କରିଛନ୍ତି। ସ୍ଥାନୀୟ ସରପଞ୍ଚ ମୁଖି ନାଏକଙ୍କ ଉପସ୍ଥିତିରେ ଭାଗଲପୁର୍-ବିଲେଇପଦା ରେଲଧାରଣାରେ ଗଳାପୋଲ ନିର୍ମାଣ ପାଇଁ ରେଳବିଭାଗ ପକ୍ଷରୁ ଏହି ଅଞ୍ଚଳ ନିରୀକ୍ଷଣ କରାଯାଇଥିଲା।

ଏହି ଭାଗଲପୁର ରେଲଲାଇନ ଦେଇ ୨ଟି ପଞ୍ଚାୟତର ଗ୍ରାମବାସୀ, ସ୍କୁଲ କଲେଜର ଛାତ୍ରଛାତ୍ରୀ ସମେତ ଅନେକ ଲୋକ ଦୈନିକ ଯାତାୟାତ କରଥାନ୍ତି। ଏଠାରେ ରେଲଧାରଣା କ୍ରସିଂ ପଏଣ୍ଟ ଥିବାରୁ ରେଳ ବିଭାଗ ପକ୍ଷରୁ କୌଣସି ଫାଟକ ଲଗାଯାଇ ନ ଥିଲା କି ରେଳ ବିଭାଗ ପକ୍ଷରୁ ଗାଡ଼ି ଚଳାଚଳ ନେଇ କୌଣସି ସୂଚନା ମିଳି ପାରୁ ନ ଥିଲା। ଯାହା ଫଳରେ ଅନେକ ସମୟରେ ଏହି ରାସ୍ତା ଦେଇ ଲୋକେ ଯାତାୟାତ କରିବା



ବେଳେ ଟ୍ରେନ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହୋଇଥିବାର ଦୃଷ୍ଟାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳବାସୀ ରେଳବିଭାଗକୁ ଦୀର୍ଘ ବର୍ଷ ଧରି ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ପାରୁ ନ ଥିଲା। ଶେଷରେ ସ୍ଥାନୀୟ ସରପଞ୍ଚ ଓ ନାଏବ ସରପଞ୍ଚ ଶକୁନ୍ତଳା ଖୀଲାର ସମେତ ଗ୍ରାମବାସୀ ଯୋଡା ଗସ୍ତରେ ଆସିଥିବା କେନ୍ଦୁଝର ବିଜେଡି ସାଂସଦ ଚନ୍ଦ୍ରାଣୀ ମୁର୍ମୁଙ୍କୁ ଭେଟି ଏହାର ପ୍ରତିକାର ନିମନ୍ତେ ଏକ ଗଳାପୋଲ ରାସ୍ତା ନିମନ୍ତେ ଦାବି ପତ୍ର ଦେଇଥିଲେ। ସାଂସଦ ମୁର୍ମୁ ଏହାକୁ ଗଭୀରତାର ସହ ଗ୍ରହଣ କରି ଘଟଣାସ୍ଥଳ ପରିଦର୍ଶନ କରିବା ପରେ ରେଳ ବିଭାଗ ଓ ଝାଡଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମି ଲୋକସଭା ସାଂସଦ ଗୀତା କୋଡା ଓ ପୂର୍ବତନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ମଧୁକୋଡାଙ୍କ ସହ ଏ ନେଇ ଆଲୋଚନା କରିଥିଲେ। ଏହାର ଠିକ୍ ଏକ ମାସ ପରେ ରେଳ ବିଭାଗ ପକ୍ଷରୁ ଏକ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସମ୍ପୃକ୍ତ ସ୍ଥାନକୁ ଯାଇ ରେଳ ବିଭାଗର ଅଧିକାରୀ ପରିକ୍ଷଣ ଓ ନିରୀକ୍ଷଣ କରିଥିବା ପୂର୍ବତନ ନାଏବ ସରପଞ୍ଚ ବିଷ୍ଣୁ ଖୀଲାର କହିଛନ୍ତି। ଚକ୍ରଧରପୁର ଡିଭିଜନରୁ ଆସିଥିବା ରେଳ ବିଭାଗର ଆଇଓଡବ୍ଲ୍ୟୁ ବୁଦନ ସିଂ ଜାମୁଦା, ପିଡବ୍ଲ୍ୟୁଆଇ ଲକ୍ଷ୍ମଣ ରଜକ ତଥା ଅନ୍ୟାନ୍ୟ ଉଚ୍ଚପଦାଧିକାରୀମାନେ ବିରିକଳା ଗ୍ରାମପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ବିଷ୍ଣୁ ଖିଲାରଙ୍କ ଉପସ୍ଥିତିରେ ଏହି ଅଞ୍ଚଳ ନିରୀକ୍ଷଣ ସମ୍ପୂର୍ଣ୍ଣ କରିଥିବା ବେଳେ ଖୁବ୍ କମ୍ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ।

## ଆନନ୍ଦପୁରରେ ଯୁବ ସମ୍ମିଳନୀ

**ଆନନ୍ଦପୁର,୨୦।୨(ସମିସ):** ଆନନ୍ଦପୁର କ୍ଲଷ୍ଟର ପକ୍ଷରୁ ପୌରପରିଷଦ ୩ ନଂ ଓାଡର୍‌ର ବନ୍ଦିରିଗଡିଆ ସାହିରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ସିଏଫ୍ ଆଶୁତୋଷ ରଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ଅବସରପ୍ରାପ୍ତ ଶିକ୍ଷକ କେଶବ ଚନ୍ଦ୍ର ସାହୁ, କାଉନସିଲର ରଶ୍ମୀତା ବାରି, ଭୋଗପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଧ୍ୟାରାଣୀ ମିଶ୍ର, ଆସ୍ପାୟାରର ରାଜ୍ୟ ପ୍ରକଳ୍ପ ସଂଯୋଜକ ରବି କୁମାର, ରାଜ୍ୟ ସଂଯୋଗୀ ସଂଯୋଜକ ସଂଧ୍ୟାରାଣୀ ପୃଷ୍ଟି, ଆନନ୍ଦପୁର ବ୍ଲକ ସଂଯୋଜକ ସମୀର ମହାକୁଡ, ଶିକ୍ଷା ସଂଯୋଜକ ବିଶ୍ୱଜିତ ପଲେଇ,ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ଆଇସିଡିଏସ ସଂଯୋଜକ ଲଳୀତା ମହାନ୍ତ, ଘସିପୁରା ବ୍ଲକ ସଂଯୋଜକ ଦିଲ୍ଲିପ କୁମାର ସେଠୀଙ୍କ ସହିତ ପୌରପରିଷଦର କାଉନସିଲର ମାନେ ଉପସ୍ଥିତ ରହି ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପିଲାମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ଅଭିଭାବକ ଓ ଶିକ୍ଷକମାନେ ଯଥେଷ୍ଟ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା।




## ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ଜୁଆଙ୍ଗ ଜନଜାତି



**ତେଲକୋଇ,୨୦।୨(ସମିସ):** ତେଲକୋଇ ବ୍ଲକ ବିଭିନ୍ନ ଗ୍ରାମରୁ ଜୁଆଙ୍ଗ ଜନଜାତିର ଶତାଧିକ ପୁରୁଷ ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ଘେରଉ କରିଥିଲେ। ଆବାସ ଯୋଜନା ରେ ଅନିୟମିତତା ଅଭିଯୋଗ କରି ଏହି ଆଦିବାସୀ ଲୋକମାନେ ବ୍ଲକ ଘେରଉ କରିଥିଲେ। ସରକାରୀ ଅଧିକାରୀ ଘରକୁ ଯାଇ ଫଟୋ ଉଠାଇବାର ୨ ମାସ ବିତିଯାଇଥିଲେ ମଧ୍ୟ ଆକାଉଣ୍ଟକୁ ଟଙ୍କା ଆସିନଥିବା ଏବଂ କାର୍ଯ୍ୟାଳୟକୁ ଗଲେ ଖାତାରେ ଚେକ୍ କର ଟଙ୍କା ଯାଇଛି ବୋଲି ଉତ୍ତର ମିଳୁଥିବା ନେଇ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟ ଓ ବ୍ୟାଙ୍କ ଦୌଡି ଦୌଡି ନୟାନ୍ତ ହେବା ପରେ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ଏକା ସାଙ୍ଗରେ ବିଡିଓଙ୍କୁ ଦେଖା କରିବାକୁ ଦିଆନଯିବାରୁ କାର୍ଯ୍ୟାଳୟର ବାରଣ୍ଡାରେ ସମସ୍ତେ ଧାରଣାରେ ବସିଥିଲେ। ଶେଷରେ ବିଡିଓ ନିଜ ପ୍ରକୋଷ୍ଠରୁ ବାହାରି ଲୋକଙ୍କ ଭିତରକୁ ଯାଇ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଯଥାଶୀଘ୍ର ଆବାସ ଯୋଜନାର ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ନଆସିଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ଉକ୍ତ ଲୋକେ। ତେବେ ଏହି ଘଟଣା କିଛି ସମୟ ପାଇଁ ବ୍ଲକ ପରିସରର ବାତାବରଣକୁ ଗରମ କରିଥିଲା। ଏନେଇ ଯୋଗ୍ୟ ହିତାଧିକାରୀଙ୍କୁ ନିଶ୍ଚିତ ଆବାସ ଘର ମିଳିବ ଏବଂ ଟଙ୍କା ଆକାଉଣ୍ଟକୁ ଆସିବ ହୋଲି ପ୍ରକାଶ କରିଛନ୍ତି।

## ପଣ୍ଡୁଆ ଅଗ୍ନିକାଣ୍ଡରେ ଜଳିଗଲା ୧୨ ବଖରା ଘର

**ଆନନ୍ଦପୁର,୨୦।୨(ସମିସ):** ଆନନ୍ଦପୁର ବ୍ଲକର ଶାଳବଣୀ ପଞ୍ଚାୟତ ଅନ୍ତର୍ଗତ ପଣ୍ଡୁଆ ଗ୍ରାମରେ ବିଦ୍ୟୁତ ସଟସର୍କିଟ ହୋଇ ନିଆଁ ଲାଗିଯିବାରୁ ୪ଟି ପରିବାରର ୧୨ ବଖରା ଘର ପୋଡି ଭସ୍ମୀଭୂତ ହୋଇଛି। ବିଦ୍ୟୁତ ଖୁଣ୍ଟରୁ ସଟସର୍କିଟ ହୋଇ ପ୍ରଥମେ ରଥିଆ ନାୟକଙ୍କ ଘରେ ନିଆଁ ଲାଗିଯାଇଥିଲା। ପରେ ଅବିଳମ୍ବେ ଫୁଲମଣି ନାୟକ, ରାମ ନାୟକ, ମଦନ ନାୟକଙ୍କ ଘରକୁ ବ୍ୟାପି ଯାଇଥିଲା। ଘରେ ଥିବା ପରିବାର ଲୋକେ ଜୀବନ ବିକଳରେ ବାହାରକୁ ବାହାରି ଆସିଥିବା ବେଳେ କୌଣସି ସମ୍ପତି ଉଦ୍ଧାର ହୋଇପାରିନାହିଁ। ଏହି ଅଗ୍ନିକାଣ୍ଡରେ ଘରେ ଥିବା ଧାନ ଚାଉଳ, ଆସଭାବପତ୍ର, ଘରୋଇ ଉପକରଣ, ସୁନାଗହଣା, ପରିବାର ଲୋକଙ୍କ ବିଛଣା ଓ ପୋଷାକ ପୋଡି ଭସ୍ମୀଭୂତ ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଉଦ୍ୟମ କରିଥିବା ବେଳେ ଖବର ପାଇ ଆନନ୍ଦପୁର ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣା ସ୍ଥଳରେ ପହନଚି ନିଆଁକୁ ଆୟତ କରିଥିଲେ ମଧ୍ୟ କୌଣସି ସମ୍ପତି ଉଦ୍ଧାର ହୋଇପାରିନାହିଁ। ଏହି ଅଗ୍ନିକାଣ୍ଡରେ ୪ଟି ପରିବାର ସର୍ବସାନ୍ତ ହୋଇଥିବାରୁ ସେମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦେବା ସହିତ ଆବାସ ଯୋଜନାରେ ଗୃହ ନିର୍ମାଣ ସହାୟତା ଦେବାକୁ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମହିଳାଙ୍କୁ ମାଡ଼ମାରି ଅଳଙ୍କାର ଲୁଟ୍

**ହାଟଡ଼ିହୀ,୨୦।୨(ସମିସ):** କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ଡଙ୍କୁରୀ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜଣେ ଗର୍ଭବତୀ ମହିଳାଙ୍କୁ ୩ଜଣ ଦୁର୍ବୃତ୍ତ ମାଡ଼ ମାରି ତାଙ୍କ ଠାରୁ ନଗଦ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଗ୍ରାମର ନାରାୟଣ ସାହୁ(୬୬)ଙ୍କ ବୋହୂ ବିଷ୍ଣୁପ୍ରିୟା ସାହୁ ବିଳମ୍ବିତ ରାତିରେ ନିଜ ବାଡ଼ିରେ ଥିବା ଶୌଚାଳୟକୁ ଶୌଚ ହେବାକୁ ଯାଇଥିବା ସମୟରେ ୩ଜଣ କଳାମୁଖା ଧାରୀ ଦୁର୍ବୃତ୍ତ ବିଷ୍ଣୁପ୍ରିୟାଙ୍କ ବେକରେ ଧାରୁଆ ଅସ୍ତ୍ର ଲଗାଇ କାବୁ କରିନେଇ ଘରେ ଥିବା ଗଡରେଜ୍ ଭାଙ୍ଗି ନଗଦ ୫୫ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ନାରାୟଣ ନନ୍ଦିପଦା ଥାନାରେ ଲିଖିତ ଏତଲା କରିଛନ୍ତି। ଦୁର୍ବୃତ୍ତଙ୍କ କବଳରୁ ବିଷ୍ଣୁପ୍ରିୟା ଖସିନପାରି ପ୍ରବଳ ମାଡ଼ର ଶିକାର ହୋଇ ଗୁରୁତର ଥିଲେ। ଯାହାକି, ସେ ବର୍ତ୍ତମାନ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ନେଇ ପରିବାର ପକ୍ଷରୁ ସୂଚନା ରହିଛି। ଏନେଇ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ପରିତ୍ୟକ୍ତ ଘରୁ ପାଞ୍ଚ ବନ୍ଧୁକ ଜବତ



**ବଡ଼ବିଲ,୨୦।୨(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ସ୍ଥିତ ହୋଟେଲ ନେଲସନରୁ ପାଞ୍ଚଟି ବନ୍ଧୁକ ଜବତ ହୋଇଥିବା ଜଣାପଡିଛି। ଏଠାରେ ପ୍ରକାଶ ଥାଉକି ଭଦ୍ରାସାହି ଛକ ନିକଟରେ ଥିବା ହୋଟେଲ ନେଲସନ ପ୍ରଦୀପ କୁମାର ଦାସଙ୍କ ମାଲିକନାରେ ଥିବା ବେଳେ ସେ ବ୍ରାଇଟ ସିକ୍ୟୁରିଟି ଏଜେନ୍ସି ନାମକ ଏକ ସୁରକ୍ଷା ବାହିନୀ ସଂସ୍ଥା ଚଳାଉଥଲେ। ସେହିପରି ବନ୍ଧୁକ ଜବତ ହୋଇଥିବା ଘର ଓ ସେ ନିଜେ ରହୁଥିବା ଘର ମଧ୍ୟ ଉକ୍ତ ହୋଟେଲ କୋଠାରେ ରହିଛି। ତେବେ ବ୍ୟାଙ୍କ ଋଣ ପରିଶୋଧ ନ କରି ପାରିବାରୁ ଉକ୍ତ କୋଠାକୁ ବ୍ୟାଙ୍କ ପକ୍ଷରୁ ସିଲ କରିବାସହ ଗତ କିଛିଦିନ ତଳେ ନିଲାମ କରି ଭଦ୍ରାସାହି ଅଞ୍ଚଳର ଜଣେ ଯୁବ ବ୍ୟବସାୟଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ସେ ଗତକାଲି ପରିତ୍ୟକ୍ତ ଅବସ୍ଥାରେ ଥିବା ଘରକୁ ଖୋଲି ଗୋଟିଏ କୋଠରିରେ ଏକ ବନ୍ଧୁକ ଥିବା ଦେଖି ବଡ଼ବିଲ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ସେଠାରେ ପହଞ୍ଚି ଖୋଜାଖୋଜି କଲା ପରେ ସମୁଦାୟ ୫ଟି ଜବତ କରିବା ସହ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ସୁଖୀ ବାସ୍କେ



**ପାଟଣା,୨୦।୨(ସମିସ):** ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରୀ ସୁଖୀ ବାସ୍କେ ରାଜ୍ୟସ୍ତରୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ସଫଳତା ହାସଲ କରି ମହାବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ସେ ୪୦୦ ମିଟର ଦୌଡ ରେ ପ୍ରଥମ ସ୍ଥାନ ଏବଂ ୨୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଖୀଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର କୁମାର ସାହୁ, କ୍ରୀଡା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ଶୁଭେଚ୍ଛା ଜଣାଇଛନ୍ତି।

## ପଇତାପାଣିରେ ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ଶିବିର



**ଆନନ୍ଦପୁର, ୨୦।୨(ସମିସ):** ଆନନ୍ଦପୁର ବ୍ଲକର ପଇତାପାଣି ଗ୍ରାମରେ ଏକ ଦିନିକିଆ ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସମସ୍ତ ଗ୍ରାମବାସୀ, ମହିଳା ଓ ଯୁବଗୋଷ୍ଠୀ ମାନେ ଯୋଗ ଦେଇଥିଲେ। ଜଙ୍ଗଲର ସଂରକ୍ଷଣ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ବର୍ତ୍ତମାନ ପରିସ୍ଥିତିରେ ଜରୁରୀ ହୋଇପଡିଥିବାରୁ ଏହା ଉପରେ ଗୁରୁତ୍ୱାରୋପ କରିବାକୁ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି ଶିବିରରେ ପ୍ରଶନ ନାହକ, ପ୍ରଦୀପ କୁମାର ରାମ, ରଞ୍ଜିତ ନାୟକ, ରାଜକିଶୋର ବାରିକ, ନାରାୟଣ ଦେହୁରୀ ଯୋଗ ଦେଇ କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ। ଆଗାମୀ ଦିନରେ ଆନନ୍ଦପୁର ବନାଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା।

## ଇନ୍ଦିରା କଲୋନୀରେ ବସ୍ତିବାସିନ୍ଦା ବିକାଶ ଶିବିର



**ଆନନ୍ଦପୁର, ୨୦।୨(ସମିସ):** 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସହରାଞ୍ଚଳ ବସ୍ତି ବିକାଶ ଲାଗି ଆଜି ୧୨ନଂ ୱାର୍ଡର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶାଳପଡା ଇନ୍ଦିରା କଲୋନୀ ଠାରେ ଆୟୋଜିତ ଏହି ସମାବେଶରେ ୧୨ ନଂ ୱାର୍ଡର ଅଞ୍ଚଳବାସୀଙ୍କୁ ନେଇ ଆୟୋଜିତ ଶିବିରକୁ ଆନନ୍ଦପୁର ପୌର ଅଧକ୍ଷା ରଜନୀରାଣୀ ଖଟୁଆ ଉଦଘାଟନ କରିଥିଲେ। ପୌରପାଳିକା ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ର ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ସଭାକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୌର ଅଧକ୍ଷା ସୁଶ୍ରୀ ଖଟୁଆ, ଉପାଧକ୍ଷ ଦୁର୍ଗାଚରଣ ଦଳେଇ, ସମ୍ମାନୀତ ଅତିଥି ଭାବେ ୧୨ ନଂ କାଉନସିଲର ସୁପ୍ରିୟା ମିଶ୍ର, ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ସମାଜସେବୀ ଚିନ୍ତାମଣୀ ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସହରାଞ୍ଚଳ ମିଶନ ଶକ୍ତି ଅଧିକାରୀ ସୀମାଞ୍ଚଳ ନାୟକ, ଶୁଭକାନ୍ତ ଜେନା, ମୁକ୍ତା ଯୋଜନା ଅଧିକାରୀ ଆର୍ଯ୍ୟ ଦେବବ୍ରତ ସାମଲ, ସ୍ୱଚ୍ଛସାଥୀ ଜୟନ୍ତୀ ସେନାପତି ଓ ଜଳସାଥୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ସମାବେଶରେ ୧୨ନଂ ୱାର୍ଡର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟା ମାନେ ଯୋଗ ଦେଇଥିଲେ।

## ସାରଙ୍ଗଧରଙ୍କ ଏକାଦଶାହରେ ସ୍ମୃତିଚାରଣ

**ସୋସୋ,୨୦।୨(ସମିସ):** ହାଟଡିହୀ ବ୍ଲକ ସଢ଼ା ପଞ୍ଚାୟତ ଖଳାଗଡ଼ିଆ ଗ୍ରାମର ସାରଙ୍ଗଧର ପୁହାଣଙ୍କ ଏକଦଶାହ କାର୍ଯ୍ୟକ୍ରମରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜାଚକ୍ର, ରମାକାନ୍ତ ନାୟକ, ବିଜୟ ରାଉତ, ଜୟଦେବ ଜେନା, ମାର୍କଣ୍ଡ ଓଝା, ନନ୍ଦଚରଣ ଜେନା, ପୂର୍ବତନ ବିଧାୟକ ମାୟାଧର ଜେନା, ଅକ୍ଷୟ ବରାଳ, ଅଭିମନ୍ୟୁ ସେଠୀ, ଅଲେଖ ମଲ୍ଲିକ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ସୂର୍ଯ୍ୟ ନାରୟଣ କର(ବୁଲୁ), ଜିଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ଦେବୁ ପଟ୍ଟନାୟକ, ଶରତ ସେଠୀ, ବୈଲୋଚନ ନାୟକ ଆଦି ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ପରିବାର ପକ୍ଷରୁ ନରହରି ପୁହାଣ, ଶ୍ୟାମ ସୁନ୍ଦର, ଅନିରୁଦ୍ଧ, ଲମ୍ବୋଧର, ରବିନ୍ଦ୍ର, ଶ୍ରୀକାନ୍ତ, ଝିଅ ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାଇ ସଂଗଠନର ଜିଲ୍ଲାସ୍ତରୀୟ ସେବା କାର୍ଯ୍ୟ

**ଆନନ୍ଦପୁର, ୨୦।୨(ସମିସ):** ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ଆଜି ଆନନ୍ଦପୁରଠାରେ ଆନନ୍ଦପୁର ଜିଲ୍ଲାସ୍ତରୀୟ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆନନ୍ଦପୁର ସମିତିର ଆବାହକ ଗୋପରଞ୍ଜନ ପାଣିଙ୍କ ତତ୍ତ୍ୱାବଧାନରେ ସମସ୍ତ ସେବା ସମିତି ଓ ଭଜନ ମଣ୍ଡଳୀର ସେବା ଦଳ ଭାଇ ଭଉଣୀମାନେ ଯୋଗ ଦେଇଥିଲେ। ସକାଳ ୭ ଘଟିକା ସମୟରେ ଆନନ୍ଦପୁର ଡାକ୍ତରଖାନା ପରିସରକୁ ସଫେଇ କରାଯାଇଥିଲା। ଡାକ୍ତରଖାନାର ଆଉଟଡୋର, ଔଷଧ ବିତରଣ କେନ୍ଦ୍ର, ମଳମୂତ୍ର ପରୀକ୍ଷା କେନ୍ଦ୍ର, ଡ୍ରେସିଂ ରୁମ୍, ଲେବର ରୁମ୍, ଅସ୍ତ୍ର ପ୍ରଚାର ଗୃହ, ମହିଳା ୱାର୍ଡ ଓ ପୁରୁଷ ୱାର୍ଡ, ସ୍ୱତନ୍ତ୍ର କ୍ୟାବିନ, ମା' ଓ ଶିଶୁ ବିଭାଗର ବିଭିନ୍ନ କୋଠରୀକୁ ସଫେଇ କରାଯିବା ପରେ ବିଶୋଧନ କରାଯାଇଥିଲା। ପରେ ସେବା ଦଳ ଭାଇ ଓ ଭଉଣୀମାନେ ଶବ ବ୍ୟବଚ୍ଛେଦ ଗୃହ ପରିସର ଓ ଡାକ୍ତରଖାନାର ଚାରିପାଖରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ଶିଶିର କୁମାର ଦାଶ, ଡା. ଜଗନ୍ନାଥ ଦାଶ, ଆନନ୍ଦପୁର ଜିଲା ସଭାପତି ବିଷ୍ଣୁଚରଣ ଜେନା, ନିତ୍ୟାନନ୍ଦ ସାମଲ, ଅସିତ କୁମାର ନାୟକ, ବିଜୟ କୁମାର ମିଶ୍ର, ନନ୍ଦ କିଶୋର ପାଲ, ଅଧାପକ ପ୍ରମୋଦ ରାଜ, ବିଜୟ କୁମାର କର, ଗୌରାଙ୍ଗ ଚରଣ ପାତ୍ର, ନନ୍ଦ କିଶୋର ଦଳେଇ, ବଙ୍କିମ ଚନ୍ଦ୍ର ପଟ୍ଟନାୟକ, ଚଞ୍ଚଳ କୁମାର ଗାଙ୍ଗୁଲି, ଦେବେନ୍ଦ୍ର କୁମାର ସ୍ୱାଇଁ, ସତ୍ୟ ନାରାୟଣ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ରାଣୀପଡ଼ାରେ ବନ ସୁରକ୍ଷା ସମିତି ଗୃହ ଉଦ୍‌ଘାଟିତ

ଆନନ୍ଦପୁର, ୨୦।୨(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଦେଓଗାଁ ବନାଂଚଳର ରାଣୀପଡାଠାରେ ନବନିର୍ମିତ ବନସୁରକ୍ଷା ସମିତି ଗୃହ ଆଜି ଉଦଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଆମ ଜଙ୍ଗଲ ଯୋଜନା ଅନୁଦାନରେ ହରିଚନ୍ଦନପୁର ସେକ୍ସନ ଅଧୀନରେ ଥିବା ବନସୁରକ୍ଷା ସମିତିର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ସଂଗଠିତ କରିବା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ନିୟମିତ ନିରନ୍ତର ପ୍ରକ୍ରିୟାରେ ବୈଠକ କରାଯିବାକୁ ଏହି ସଭାଗୃହ ଉଦ୍ଦିଷ୍ଟ ବୋଲି ଜଙ୍ଗଲ ବିଭାଗ କର୍ମକର୍ତ୍ତାଙ୍କଠାରୁ ସୂଚନା ମିଳିଛି। ଏହି ଉପଲକ୍ଷେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ବନପାଳ ଶ୍ୟାମ ସୁନ୍ଦର ସାହୁଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଳେଇ, ଏସିଏଫ୍ ଉମାକାନ୍ତ ଦାଶ ଯୋଗ ଦେଇ ନୂତନ ଗୃହକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବନ କର୍ମଚାରୀ ବାପୁଜି ସାହୁ, ଛବିନ୍ଦ୍ର ପାତ୍ର, ଗଣେଶ୍ୱର ମହାନ୍ତ, କଞ୍ଚି ଦେହୁରୀ ଓ ରାଣୀପଡା ବନସୁରକ୍ଷା ସମିତିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ସହଯୋଗ କରିଥିଲେ।

# ରାସ୍ତା କିସମ ଜମି ଉପରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ

ତେଲକୋଇ,୨୦।୨(ସମିସ)

ସରକାରୀ ନିୟମକୁ ଫୁ' କରି ଉଡାଇଦେଲେ ବିଡିଓ। ରାସ୍ତା କିସମ ଜମି ଉପରେ ଗୋଷ୍ଠୀକେନ୍ଦ୍ର ତିଆରି ପାଇଁ ଠିକାଦାରକୁ ଅନୁକମ୍ପା। ସୂଚନା ଅନୁଯାୟୀ ଜଗମୋହନପୁର ପଞ୍ଚାୟତ ସରୁଆଳି ଗାଁରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଗୋଷ୍ଠୀ କେନ୍ଦ୍ର ପାଇଁ ଅନୁଦାନ ଆସିଥିଲା ବେଳେ କିଛି ମୁଷ୍ଟିମେୟ ଲୋକ ତହସିଲଦାରଙ୍କ ଦ୍ୱାରା ଦିଆଯାଇଥିବା ପ୍ଲଟରେ ଗୋଷ୍ଠୀକେନ୍ଦ୍ର ତିଆରି ନକରି ଜନୈକ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଗୋଷ୍ଠୀକେନ୍ଦ୍ର ଘରକୁ ତିଆରି କରୁଥିବାରୁ ଉଭୟ ପକ୍ଷ ମଧ୍ୟରେ ଏହାକୁ ନେଇ ବିବାଦ ଉପୁଜିଛି। ଯାହାକୁ ନେଇ ଅଭିଯୋଗକାରୀ ଦଶରଥ ଯାଦବ କେନ୍ଦୁଝର ଜିଲ୍ଲାପାଳ, ତେଲକୋଇ ତହସିଲଦାର, ବିଡିଓ ଏବଂ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ଘରବାଡ଼ି ପଟାଥିବା ଲୋକଙ୍କୁ ସରକାର ରାସ୍ତା ଯୋଗାଇ ଦେବାର ନିୟମ ରହିଛି। ତେବେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ତେଲକୋଇ ବିଡିଓ ମଧ୍ୟ ଅଭିଯୋଗକୁ ଗୁରୁତ୍ୱ ନଦେଇ ସରକାରୀ ନିୟମକୁ ଫୁ' କରି ଉଡ଼ାଇ ଦେଉଛନ୍ତି। ଯା'ଫଳରେ ଯୋର ଜବରଦସ୍ତ କିଛି ଲୋକ ପଟାଦାରକୁ ରାସ୍ତା ନ ଛାଡି ଘର ସମ୍ମୁଖରେ ରାସ୍ତା କିସମ ଜମି ଉପରେ ଗୋଷ୍ଠୀକେନ୍ଦ୍ର ତିଆରି କରୁଛନ୍ତି। ଏସର୍ମ୍ପକରେତେଲକୋଇ ତହସିଲଦାରଙ୍କୁ ପଚାରିବାରୁ ଆମେ ବିଡିଓଙ୍କ ସହିତ କଥା ହୋଇଥିଲୁ। ଆମେ ସେ ଜାଗା ପରିବର୍ତ୍ତନ ପରେ ନିଷ୍ପତ୍ତି ନିଆଯିବ ବୋଲି କହିବା ସହିତ ଏସମ୍ପର୍କରେ ଗୋଷ୍ଠୀକେନ୍ଦ୍ର ସ୍ଥାନ ନିରୂପଣ କରାଯାଇନାହିଁ ବୋଲି କହିଛନ୍ତି। ତେବେ ସଂପୃକ୍ତ ଠିକାଦାର ରାସ୍ତା କିସମ ଉପରେ ଗୋଷ୍ଠୀକେନ୍ଦ୍ର ତିଆରି କରି କାହା ଉପରେ ରାଗ ସୁଝାଉଛନ୍ତି ନା ପ୍ରଶାସନକୁ ନିଜର ପାୱାର ଦେଖାଉଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଆମେ ଜଗମୋହନପୁର ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ଆମେ ଗୋଷ୍ଠୀକେନ୍ଦ୍ର ପାଇଁ କୌଣସି ଲେ-ଆଉଟ (ସ୍ଥାନ ନିରୁପଣ) ଦିଆଯାଇନାହିଁ। ଠିକାଦାର ତାଙ୍କ ମନଇଚ୍ଛାରେ କାମ କରୁଛନ୍ତି। ତେବେ ଏସର୍ମ୍ପକରେ ପ୍ରଶାସନ ଆଗକୁ କ'ଣ ପଦକ୍ଷେପ ନେଉଛି ଅଭିଯୋଗକାରୀଙ୍କୁ କେବେ ନ୍ୟାୟ ମିଳୁଛି ତାହା ଦେଖିବାକୁ ବାକି ରହିଲା।



